


ମାଲକାନଗିରି ଜିଲାରେ ଗୁରୁବାର ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ ଅବସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ.ପାଣ୍ଡିଆନ୍, ଏମ୍‌ପି, ମନ୍ତ୍ରୀ ଓ ଅନ୍ୟମାନେ ।



ପାରମ୍ପରିକ ବେଶଧାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରୁଛନ୍ତି ।



ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ୍‌ରେ ବସି ଯାତ୍ରା କରୁଛନ୍ତି ।



ସଭାରେ ଯୋଗ ଦେଇଥିବା ଜନସାଧାରଣ । (ଫଟୋ- ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ଚରଣ ମହାନ୍ତି)

**ସଂକ୍ଷେପରେ**

## ବିଜେଡି ଛାଡ଼ିଲେ ଛାତ୍ରନେତା ହୃଷୀକେଶ



ମାଥିଲି,୧୨।୧୦ (ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଛାତ୍ର ନେତା ହୃଷୀକେଶ ବେହେରା ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ବ୍ୟକ୍ତିଗତ କାରଣ ଅବା ଦଳୀୟ ଅଣଦେଖା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି। ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ। ସେ ୨୦୧୬-୧୭ ଛାତ୍ର ସଂସଦ ସଭାପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ବିଭିନ୍ନ ନିର୍ବାଚନରେ ଦଳ ପାଇଁ ଆଗ ଧାଡିରେ ରହି କାମ କରିଛନ୍ତି। କିନ୍ତୁ ବର୍ତ୍ତମାନ ସେ ଅଲୋଡ଼ା ହୋଇ ପଡିଛନ୍ତି ବୋଲି ତାଙ୍କ ସମର୍ଥକମାନେ କହିଛନ୍ତି। କୌଣସି ବୈଠକକୁ ଡକା ନ ଯିବା ସେ ସ୍ପଷ୍ଟ କରିଛନ୍ତି। ଆଗାମୀ ଦିନରେ ସେ କେଉଁ ଦଳକୁ ଯିବେ ତାହା ସ୍ପଷ୍ଟ କରିନାହାନ୍ତି। କିନ୍ତୁ ସେ କହିବା ଅନୁଯାୟୀ ବର୍ତ୍ତମାନ ବିଜୁ ଜନତା ଦଳରେ ରହି ଛାତ୍ର ଏବଂ ଯୁବ ଅଧିକାର ପାଇଁ କାମ କରିବା ଅସମ୍ଭବ। ଆଗାମୀ ଦିନରେ ଛାତ୍ର ଏବଂ ଯୁବକଙ୍କ ପାଇଁ ଜୋର୍‌ଦାର ଲଢ଼େଇ କରିବେ ବୋଲି କହିଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ପଡିଆ,୧୨।୧୦(ଭାସ୍କର ରାଓ)

କାଲିମେଳା ବ୍ଲକ ଏମ୍‌ଭି ୭୯ ଥାନା ଏମଭି ୯୬ଗ୍ରାମ ନିକଟ ୩୨୬ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁବାର ଗୁରୁତର ହୋଇଛନ୍ତି। ଯୁବକ ଜଣଙ୍କ ବାଇକ୍ ନମ୍ବର ଓଡି ୩୦ଇ ୨୬୯୧ରେ କାଲିମେଳାରୁ ଏମ୍‌ଭି ୭୯ଅଞ୍ଚଳକୁ ଏକା ଯାଉଥିବା ବେଳେ ରାସ୍ତା କଡରେ ଦୁର୍ଘଟଣା ଗ୍ରସ୍ତ ହୋଇ ପଡିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ଦେଖିବାକୁ ମିଳିଛି ।

# ମାଥିଲିରେ ଲକ୍ଷ୍ମୀ ବସ୍‌କୁ ପ୍ରଶାସନର ସ୍ୱାଗତ

ମାଥିଲି,୧୨।୧୦ (ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରକୁ ଗୁରୁବାର ଲକ୍ଷ୍ମୀ ବସ୍ ଚଳାଚଳ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରିରୁ ଏହାର ଶୁଭାରମ୍ଭ କରିବା ପରେ ମାଥିଲି ବ୍ଲକ ସଦର ମହକୁମାକୁ ୫ ବସ୍ ଆସିଛି। ଏହି ବସ୍‌ଗୁଡିକୁ ମାଥିଲି ଏସ୍‌ଏଚ୍‌ଜି ତରଫରୁ ପ୍ରଶାସନ ସ୍ୱାଗତ କରିଥିଲା। ମାଥିଲି ବ୍ଲକ କ୍ଷେତ୍ର ବୃହତ୍ ହୋଇଥିବାରୁ ରାଜ୍ୟ ସରକାରଙ୍କ ତରଫରୁ ୫-ଟି ବସ୍ ଏହି ବ୍ଲକକୁ ଯୋଗାଇଛି। ବ୍ଲକ ସଦରଠାରୁ ୫ ଟି ମାର୍ଗ ମଧ୍ୟରୁ ଦୁର୍ଗମ ଅଞ୍ଚଳର କମାରପାଲ୍ଲିଠାରୁ ମହୁପଦର-କଂସାରିପୁଟ ଛକ-ନୂଆ କଲୋନି ଛକ(ଟେମ୍ପୁରୁପାଲ୍ଲୀ)-ସାଲିମି - ମାଥିଲି ରହିଛି। ଦ୍ୱିତୀୟ ମାର୍ଗ- କୁଟୁଣିପାଲି-ଧୁଙ୍ଗିଆପୁଟ-ଉଦୁଲିବେଡା-ମାଥିଲି କରାଯାଇଥିବା ବେଳେ ତୃତୀୟ ମାର୍ଗ କର୍ତ୍ତନପାଲି-କିଆଙ୍ଗ-ମାଥିଲି-ଆମ୍ବାଗୁଡ଼ା-ଚାଉଳମେନ୍ଦି-ମାଥିଲି ରହିଛି। ସେହିପରି ଚତୁର୍ଥ ମାର୍ଗ ମେକ୍କା- ଦାମାପାଡ଼ା ଛକ-ଚେଡେଙ୍ଗା-ଦଳପତିଗୁଡା - ମାଥିଲି ଏବଂ ପଞ୍ଚମ ମାର୍ଗ କତାପାଲି - ମୁଣ୍ଡାଗୁଡା ଛକ - ଭଣ୍ଡାରି ପାଙ୍ଗାମ - ଭେଜାଗୁଡା - ନାୟକଗୁଡା - ପାଙ୍ଗାମ - ମାଥିଲିକୁ ବସ୍ ଚଳାଚଳ କରିବ ବୋଲି ବିଡିଓ ହୃଷୀକେଶ ଗଣ୍ଡ ଏବଂ ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ସୂଚନା ଦେଇଛନ୍ତି। ତେବେ ବସ୍ ଆସିବା ସମୟରେ ବ୍ଲକ ଓ ଏସ୍‌ଏଚ୍‌ଜି ଗୋଷ୍ଠୀ ତରଫରୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏଚ୍‌ଜିର ମହିଳା ନେତ୍ରୀ ସନ୍ତୋଷିନୀ ପାତ୍ର, ସହକାରୀ ଯନ୍ତ୍ରୀ ହୃଦୟ ବାଗ, ପିଇଓ ଅଶୋକ ମହାରଣା, କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାରଙ୍କ ସମେତ ବ୍ଲକ ଟିମ୍ ଉପସ୍ଥିତ ଥିଲେ।



ଲକ୍ଷ୍ମୀ ବସ୍‌କୁ ସ୍ୱାଗତ କରିବାକୁ ପ୍ରଶାସନ ପକ୍ଷରୁ ହୋଇଥିବା ପ୍ରସ୍ତୁତି ।

## ଲକ୍ଷ୍ମୀ ଯୋଜନା ବସ୍‌କୁ କାଲିମେଳାରେ ସ୍ୱାଗତ



କାଲିମେଳାରେ ବସ୍‌କୁ ସ୍ୱାଗତ କରାଯାଉଛି ।

କାଲିମେଳା, ୧୨।୧୦(ଜୀବନକୃଷ୍ଣ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀ ବସ୍ ଯୋଜନା ଶୁଭାରମ୍ଭ କରିଥିବା ବେଳେ ଏହି ଜିଲାର ବିଭିନ୍ନ ବ୍ଲକ ପଞ୍ଚାୟତ ଅଭିମୁଖେ ବାହାରିଥିଲା । ତେବେ ସନ୍ଧ୍ୟାରେ ଲକ୍ଷ୍ମୀ ବସ୍ କାଲିମେଳା ବ୍ଲକ ସଦର ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ହୋଇଥିବା ବସ୍‌ଷ୍ଟପ ନିକଟରେ ସନ୍ଧ୍ୟା ୬ ଟାରେ ପହଞ୍ଚିଥିଲା। ବସ୍ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ଓ କାଲିମେଳାବାସୀଙ୍କ ତରଫରୁ ସ୍ୱାଗତ କରାଯାଇଛି । ମହିଳାମାନେ ହୁଳହୁଳି ପକାଇ ଫୁଲଚନ୍ଦନ ଦେଇ ବସ୍‌କୁ ପୂଜାକରି ସ୍ୱାଗତ କରିଥିଲେ । ଏହି ସମୟରେ କାଲିମେଳା ବିଡିଓ ପ୍ରଦୀପ କୁମାର କରଙ୍କ ନେତୃତରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ବେହେରା, ଏବିଡିଓ ବସନ୍ତ କୁମାର ବେହେରା, ବିଭାଗୀୟ ଅଧିକାରୀ କେଶବ ଚନ୍ଦ୍ର ରାଉଳ, କନିଷ୍ଟ ଯନ୍ତ୍ରୀ ରାଜେଶ କୁମାର ସାମଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋଲାକ ଚନ୍ଦ୍ର ପଟ୍ଟନାୟକ, ତେଲରାଇ ପିଇଓ ଶ୍ରୀନିବାସ ପଣ୍ଡା, ବିଜେଡି ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶାଳ, ସରପଞ୍ଚ ପୃଥୀରାଜ ମାଝିଙ୍କ ସମେତ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

## ଅବକାରୀ ବିଭାଗ ଦ୍ୱାରା ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି,୧୨।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବକାରୀ ବିଭାଗ ଦ୍ୱାରା ଗୁରୁବାର ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛନ୍ତି। ସୂଚନା ଅନୁଯାୟୀ, ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ କାଲିମେଳା ଥାନା ଏମ୍‌ଭି ୯୦ ଗ୍ରାମ ଛକରେ ଅବକାରୀ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଗୋଟିଏ ବାଇକ୍‌ରେ ଜଣେ ବ୍ୟକ୍ତି ଦ୍ରୁତଗତିରେ ଆସୁଥିବା ସମୟରେ ଉକ୍ତ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ଗୋଟିଏ ବସ୍ତାରେ ଗଞ୍ଜେଇ ଥିବା ଜାଣି ଗଞ୍ଜେଇ, ବାଇକ୍ ସହ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ଗିରଫ ବ୍ୟକ୍ତି ଏମ୍‌ଭି ୭୯ ଗ୍ରାମର ବିପ୍ରଜିତ୍ ପାଲ। ବସ୍ତାରେ ୨୧ କେଜି ଗଞ୍ଜେଇ ଥିବା ଜଣାପଡିଛି। ଅବକାରୀ ବିଭାଗ ନଂ. ୭୦/୨୩ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଅବକାରୀ ବିଭାଗ ସୂଚନା ଦେଇଛି। ଚଢ଼ାଉରେ ଓଆଇସି ପ୍ରଭାକର ସେଠୀଙ୍କ ସହ ପ୍ରବୀଣ ସାହୁ, ଗୋବିନ୍ଦ ବାଞ୍ଚାମି, ସରିତା ନାୟକ ଓ ଉଦୟଲାଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ।

## ପୋଖରୀରେ ବୁଡ଼ି ଯୁବତୀ ମୃତ

ଚନ୍ଦାହାଣ୍ଡି, ୧୨।୧୦(ଦିଲୀପ ଦାସ୍)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କୁହୁଡ଼ି ପଞ୍ଚାୟତ ଅଧୀନ ଦହିମାଲ ଗ୍ରାମର ଭବାନୀ ମାଝୀ (୧୯)ଙ୍କ ପୋଖରିରେ ବୁଡ଼ି ମୃତ୍ୟୁ ହୋଇଛି। ଭବାନୀ ଗୁରୁବାର ସକାଳେ ଗାଁ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ସେ ପୋଖରୀ ବୁଡ଼ି ଯାଇଥିଲେ। ପୋଖରୀର ଅନ୍ୟ ପାର୍ଶ୍ୱରେ ଗାଧାଉଥିବା ଲୋକେ ଏହା ଜାଣିପାରି ତାଙ୍କ ପରିବାରକୁ ଖବର ଦେବା ସହ ଖୋଜାଖୋଜି କରିଥିଲେ। ତାଙ୍କର ସନ୍ଧାନ ନ ପାଇବାରୁ ଚନ୍ଦାହାଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ପୋଖରୀ ଭିତରୁ ଭବାନୀଙ୍କ ମୃତଦେହ ବାହାର କରିଛି। ମୃତକଙ୍କ ମାମୁ ରାଜକୁମାର ମାଝି ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ପ୍ରଶାନ୍ତ କୁମାର କୋହ୍ଲାରସଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଲାବଣ୍ୟ ବେମାଲ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଅନ୍ତର୍ଜାତୀୟ ବାଳିକା ଦିବସ

ଚିତ୍ରକୋଣ୍ଡା, ୧୨।୧୦(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବିଦ୍ୟାଳୟର ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀମାନଙ୍କୁ ନେଇ ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରୀମାନେ ପୋଷ୍ଟର ବ୍ୟାନର, ପ୍ଲା କାର୍ଡ ଇତ୍ୟାଦି ଧରି ସ୍ଲୋଗାନ ଦେଇ ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଚିତ୍ରକୋଣ୍ଡା ସହର ତଥା କଲୋନି ପରିକ୍ରମା କରି ଏକ ସଚେତନତାର ବାତାବରଣ ସୃଷ୍ଟି କରିଥିଲେ । ପରେ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭା ମାଧ୍ୟମରେ ବାଳିକାମାନଙ୍କ ସୁରକ୍ଷା, ଆଚରଣ, ଉଚ୍ଚାରଣ, ବାଲ୍ୟବିବାହ ଓ ତା'ର ନିରାକରଣ, ବାଳିକାମାନଙ୍କୁ ସାମାଜିକ ସୁରକ୍ଷା, ଶିଶୁ ଶ୍ରମିକଠାରୁ ଦୂରେଇ ରଖିବା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତା ଯଥା ଡ୍ରଇଂ, ବକ୍ତୃତା ଓ ଗୀତ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।




ଚିତ୍ରକୋଣ୍ଡାରେ ବାହାରିଥିବା ରାଲି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ଅକ୍ଟୋବର, ୨୦୨୩

## ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର

ଜୟପୁର, (ପବନ ପାଣିଗ୍ରାହୀ)- ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ହାଟପଦାର ଶିବ ହରିଜନ। ଦାଶରିସାହିର ସମ୍ପୃକ୍ତା ଯୁବତୀଙ୍କୁ ଶିବ ବିବାହିତ ହୋଇ ମଧ ମିଛ କହି ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହୋଇଯିବାରୁ ଶିବ ତାଙ୍କର ଗର୍ଭପାତ କରିଥିଲେ। ଯୁବକ ଜଣକ ବିବାହିତ ହୋଇଥିବା ଜାଣିବା ପରେ ସମ୍ପୃକ୍ତା ଯୁବତୀ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଶିବଙ୍କୁ ଗିରଫ କରି କୋର୍ଟଚାଲାଣ କରଛି।



**ସଂକ୍ଷେପରେ**

## ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରେ ଖୋଲିଲା ବି.ଏଡ୍. ପାଠ୍ୟକ୍ରମ

ଜୟପୁର, ୧୨।୧୦ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରେ ପୁଣି ବି.ଏଡ୍. ପାଠ୍ୟକ୍ରମ ଖୋଲିଛି। ପ୍ରଥମ ବର୍ଷ ନାମ ଲେଖା ପାଇଁ ଏନସିଟିଇ ଅନୁମତି ଦେଇଛି । ପୂର୍ବରୁ ବିଶ୍ୱ ବିଦ୍ୟାଳୟରେ ଥିବା ବି.ଏଡ୍. ନାମଲେଖା ପାଇଁ ଅନୁମତି ମିଳି ନ ଥିଲା । ଏନେଇ ବିଧାୟକ ତାରା ପ୍ରସାଦ ବାହିନୀପତି ବିଧାନସଭାରେ ବି.ଏଡ୍. ପାଠ୍ୟକ୍ରମ ଖୋଲିବାକୁ ଦାବି କରିଥିଲେ। ସରକାର ଏହାକୁ ବିଚାର କରି ପାଠ୍ୟକ୍ରମ ଖୋଲିବାକୁ ଅନୁମତି ଦେଇଛନ୍ତି।

## ଆକ୍ରମଣ,ଲୁଟ୍ ମାମଲାରେ ୨ ଗିରଫ

ଜୟପୁର, ୧୨।୧୦ (ପବନ ପାଣିଗ୍ରାହୀ)

ଏକ ଆକ୍ରମଣ ଓ ଲୁଟ ମାମଲାରେ ଟାଉନଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଦଲ ଓ ଲେପଟି ଆଚାରି। ଜୟପୁର ଭ୍ରଦାୟାସାହିର ରାଜ ଶେଖର ବାଇକ୍‌ରେ ପେଟ୍ରୋଲ ପକାଇବାକୁ ଯାଉଥିବା ବେଳେ ଗଣେଶ ବସର୍ଜନ ଚାଚାଲିଥିଲା। ରାଜଶେଖର ହର୍ଣ୍ଣ ଦେଲେ ମଧ କେହି ରାସ୍ତା ଛାଡି ନ ଥିଲେ। ଗୋପବନ୍ଧୁ ନଗର ଓ ଓଡିଆମେଡ୍ରି ସାହିର ଉମେଶ କୁଲଦୀପ, ଲେପଟି ଆଚାରି, ପବନ ବାଘ, ଆକାଶ ମାଝୀ, ଅମନ ଟାକରି, ରଞ୍ଜନ ଟାକରି, କୁଣ୍ଡାଗୁଡାର ରାଜୀବଙ୍କ ସହ ଅନ୍ୟମାନେ ତାଙ୍କୁ ଆକ୍ରମଣ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ରାଜଶେଖର ସୁନା ଚେନ ଲୁଟି ନେବା ସହ ବାଇକ ଭଙ୍ଗାରୁଜା କରିଥିଲେ । ସ୍ଥାନୀୟ ଲୋକେ ରାଜଶେଖରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। । ଏନେଇ ଟାଉନ ଥାନାରେ ସେ ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରୁ ମାମଲାରେ ବାଦଲ ଓ ଲେପଟି ସମ୍ପୃକ୍ତ ଥିବା ଜାଣି ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏସ୍‌ଆଇ ସଞ୍ଜୀବ ମହାନ୍ତି ମାମଲାର ତଦନ୍ତ କରଥିଲେ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

## ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

କୁନ୍ଦୁରା,୧୨।୧୦ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦରସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ଓ ଯୁକ୍ତ ୨ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ରକ୍ତଦାନ କରି ସହଯୋଗ କରିଥିଲେ। ଶିବିରକୁ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ରମାନେ ଆସି ରକ୍ତଦାନ କରିଥିବା ଦେଖିବାକୁ ମିଳିଥିଲା। ରକ୍ତହୀନତାରେ ଯେପରି କାହାର ଜୀବନ ନ ଯାଉ ଏହାକୁ ଗୁରୁତ୍ୱ ଦେଇ ପ୍ରତେକ ବର୍ଷ ଆମ କଲେଜରେ ରକ୍ତଦାନ ଶିବିର ଆୟୋଜନ କରାଯାଉଛି ବୋଲି ଯୁକ୍ତ ୩ ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା କହିଥିଲେ। ଶିବିରରୁ ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମୋ କଲେଜ, ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଥିଲା। ଶିବିରକୁ କୋରାପୁଟ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡକ୍ତର ମଧୁସୂଦନ ବଳିଆରସିଂ, ଅଧକ୍ଷ ହୃଦୟ ପଣ୍ଡା,ଯୁକ୍ତ ୨ ଅଧକ୍ଷ ରୀତାରାଣୀ କରଣ, ଯୁବ ରେଡ୍‌କ୍ରସ୍ ସଂଯୋଜିକା ରଶ୍ମିତା ପ୍ରଧାନ ପରିଚାଳନା କରିଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ହାତୀମୁଣ୍ଡା ଗାଁ

- ଗ୍ରାମରେ ହେଉନି କୌଣସି ଉନ୍ନୟନମୂଳକ କାର୍ଯ୍ୟ
- ପଞ୍ଚାୟତରୁ ୧୦ ବ୍ଲକରୁ ୩୮ କି.ମି. ଦୂରରେ ରହିଛି ଗାଁ
- ନିର୍ବାଚନ ବେଳେ ଭୋଟ ବର୍ଜନ କରିବେ ଗ୍ରାମବାସୀ

ଦଶମନ୍ତପୁର,୧୨।୧୦(ଅରବିନ୍ଦ ନାୟକ)



ହାତୀମୁଣ୍ଡା ଗ୍ରାମବାସୀ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତର ହାତୀମୁଣ୍ଡା ଗ୍ରାମ। ଗ୍ରାମକୁ ଚାରିପଟେ ଘେରି ରହିଛି ୪ଟି ପାହାଡ। ଏହି ପାହାଡଗୁଡିକ ହିଁ ଗ୍ରାମର ବିକାଶରେ ସାଜିଛି ବାଧକ। ଗ୍ରାମରେ ଥିବା ସମସ୍ୟାଗୁଡିକର ସମାଧାନ ହୋଇପାରୁ ନ ଥିବାରୁ ବିକାଶର ମାନଚିତ୍ରରେ ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନି ହାତୀମୁଣ୍ଡାର। ସବୁଠାରୁ ଉଲ୍ଲେଖନୀୟ କଥା ଯେ, ଆଜିଯାଏ ଏହି ଗ୍ରାମର କେହି ଆବାସ ଯୋଜନାରେ ସାମିଲ ହୋଇପାରିନାହାନ୍ତି।

୨୭ ଘର ଆଦିବାସୀ ସମ୍ପ୍ରଦାୟ ୧୨୦ ଲୋକ ବସବାସ କରନ୍ତି ଗ୍ରାମରେ। ପାହାଡ ପର୍ବତ ଘେରି ରହିଥିବାରୁ ସରକାରଙ୍କ କୌଣସି ଯୋଜନା ଏଯାଏ ପହଞ୍ଚି ପାରି ନ ଥିବା କହନ୍ତି ଗ୍ରାମବାସୀ। ଫୁଲବେଡ଼ା ପଞ୍ଚାୟତରୁ ୧୦ କି.ମି. ବ୍ଲକଠାରୁ ୩୮ କି.ମି. ଦୂରରେ ଥିବା ଏହି ଗ୍ରାମରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଗ୍ରାମର ଜଣେ ବି ହିତାଧିକାରୀଙ୍କୁ ସରକାରଙ୍କ ଆବାସ ଯୋଜନାରେ ଗୃହ ମିଳିନାହିଁ ବୋଲି କହିଛନ୍ତି ଗ୍ରାମର ମନ ପୂଜାରୀ, ଡମ୍ବୁ ପୂଜାରୀ, ମୁଚୁଲୁ ପୂଜାରୀ, ଟୁଟୁ ପୂଜାରୀ, ଜିରୁ ମୁଦୁଲି, କସାଇ ମୁଦୁଲି। ସରକାରଙ୍କ ଉନ୍ନୟନମୂଳକ ଯୋଜନାରେ କୌଣସି ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ ହୋଇନାହିଁ ଗ୍ରାମରେ। ଜଙ୍ଗଲ ପାହାଡରୁ କାଠ ସଂଗ୍ରହ କରି ଏହାକୁ ୩ କି.ମି. ଦୂର ପାହାଡିଆ ଜଙ୍ଗଲ ରାସ୍ତାରେ ବୋହିନେଇ ରାଣୀଗୁଡ଼ାରେ ବିକ୍ରି କରି ସେଥିରୁ ଯାହା ରୋଜଗାର କରନ୍ତି ଚଳାଉଥିବା ଗ୍ରାମବାସୀଙ୍କ ମଧ୍ୟରେ ଗ୍ରାମ ପ୍ରତି ସରକାରୀ ଉଦାସୀନତାକୁ ନେଇ ପ୍ରକାଶ ପାଇଛି ତୀବ୍ର ଅସନ୍ତୋଷ। ଆମକୁ ଆବାସ ଯୋଜନାରେ ସାମିଲ ସହ ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟ ନ କଲେ ଆମେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ହାତୀମୁଣ୍ଡାବାସୀ।

## ୧୫ରେ ଏଆଇଟିୟୁସି ରାଜ୍ୟ ପରିଷଦ ବୈଠକ




ଏଆଇଟିୟୁସି ରାଜ୍ୟ ପରିଷଦ ବୈଠକ ପାଇଁ କର୍ମକର୍ତ୍ତାମାନେ ପ୍ରଚାରପତ୍ର ବାଣ୍ଟୁଛନ୍ତି।

ଜୟପୁର,୧୨।୧୦ (ପବନ ପାଣିଗ୍ରାହୀ)

ଏଆଇଟିୟୁସି ରାଜ୍ୟ ପରିଷଦ ବୈଠକ ଆସନ୍ତା ୧୫,୧୬ ତାରିଖ ଜୟପୁରଠାରେ ଅନୁଷ୍ଠିତ ହେବ। ୧୫ରେ ଏକ ଶୋଭାଯାତ୍ରା ସ୍ଥାନୀୟ ଲକ୍ଷ୍ମୀ ଇନ୍ଦିରା ଛକଠାରୁ ବାହାରି ସହର ପରିକ୍ରମା କରିବ। ସ୍ୱାଧୀନତା ସଂଗ୍ରାମୀ ପୀଠ ସ୍ଥଳ ପଡ଼ିଆରେ ସାଧାରଣ ସଭା ହେବ। ଏହି ସଭାରେ ଏଆଇଟିୟୁସି ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସିପିଆଇ ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ, ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ପ୍ରମୁଖ ଯୋଗ ଦେବେ। ଏହି ସମାବେଶର ସଫଳତା ପାଇଁ ଏଆଇଟିୟୁସି କର୍ମକର୍ତ୍ତାମାନେ ପ୍ରଚାରପତ୍ର ବଣ୍ଟନ କରି ସଚେତନ କରୁଛନ୍ତି। ଏଥିରେ ଅଭ୍ୟର୍ଥନା କମିଟି ସଭାପତି ରୂପେ ଯୁଧିଷ୍ଠିର ରାଉଳ, ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି, କାଗଜ କଳ ଶ୍ରମିକ ସଂଘ ନେତା କେ. ସତ୍ୟ ନାରାୟଣା, ଅଲେଖ ପାତ୍ର, ଯୁବ ସଂଘ ନେତା ନନ୍ଦ ହରିଜନ,ବଳିଭଦ୍ର ମୋତି ରହିଛନ୍ତି।

# 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ

ନନ୍ଦପୁର, ୧୨।୧୦ (ଶଙ୍କର ପୂଜାରୀ)

ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ କଂଗ୍ରେସର ନିଷ୍ପତ୍ତି ଅନୁସାରେ ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ସର୍ବେଶ୍ୱର ମନ୍ଦିରଠାରୁ ବ୍ଲକ କଂଗ୍ରେସ ପକ୍ଷରୁ 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ସାହୁ ଓ ବ୍ଲକ କଂଗ୍ରେସ ସଭାପତି କାମେସ କାମୁଡିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପଦଯାତ୍ରାରେ ପଟ୍ଟାଙ୍ଗି ପୂର୍ବତନ ବିଧାୟକ ରାମ ଚନ୍ଦ୍ର କାଡାମ, ରାଜପୁଟ ସରପଞ୍ଚ ପୀତାମ୍ବର କିର୍ଷାନି, ଗୋପାଳ ମାଟାମ, ସଞ୍ଜୀବ ଖରା, ମଦନ ହାଡ଼ପୁଟିଆ, ବିକ୍ରମ ଶିସାଙ୍କ ସମେତ ନନ୍ଦପୁର, ସେମିଳିଗୁଡା ଓ ପଟ୍ଟାଙ୍ଗି ବ୍ଲକ ଅଞ୍ଚଳର ଶତାଧିକ କଂଗ୍ରେସ କର୍ମୀ ଏଥିରେ ସାମିଲ ହୋଇଥିଲେ। ପଦଯାତ୍ରା ସମୟରେ ରାଜ୍ୟରେ ବିଜେଡି ଓ ଭାଜପାର ପ୍ରତିଶ୍ରୁତି ଓ ପ୍ରତାରଣା, କୃଷି ଓ କୃଷକ ସମସ୍ୟା, ବେକାର ଯୁବତୀଯୁବକଙ୍କ ନିଯୁକ୍ତି ସମସ୍ୟା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା, ବସ୍ତି ବାସିନ୍ଦା ଓ ଗରିବ ବାସହୀନ ଲୋକଙ୍କ ସମସ୍ୟା ସମ୍ବଳିତ ପ୍ରଚାରପତ୍ର ବ୍ଲକ ଅଞ୍ଚଳରେ ବଣ୍ଟାଯାଇଥିଲା। ପଦଯାତ୍ରା ବେଳେ ଘରେ ଘରେ କଂଗ୍ରେସ କର୍ମୀମାନେ ପହଞ୍ଚି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରିବେ ବୋଲି ଜିଲା ସଭାପତି ସାହୁ କହିଛନ୍ତି। ଶୁକ୍ରବାର ପଦଯାତ୍ରା ନନ୍ଦପୁର ବ୍ଲକ ସଦର ମହକୁମାରୁ ଆରମ୍ଭ ହୋଇ ଚାଟୁଆ ସୀମାନ୍ତରେ ଶେଷ ହେବ ବୋଲି କାଡାମ କହିଥିଲେ।




କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଶିକ୍ଷାବିତ୍ ଗଙ୍ଗାଧର ନନ୍ଦଙ୍କ ପରଲୋକ

ଜୟପୁର, ୧୨।୧୦ (ପବନ ପାଣିଗ୍ରାହୀ)

ଶିକ୍ଷକ, ବାଗ୍ମୀ, ଲେଖକ ଓ ତରୁଣ ପ୍ରଜ୍ଞାଭାରତୀର ପ୍ରତିଷ୍ଠାତା ଡ. ଗଙ୍ଗା ଧର ନନ୍ଦଙ୍କ ପରୋଲକ ହୋଇଛି। ଗତ ୨ ଦିନ ତଳେ ହୃଦଘାତରେ ପଡିତ ହୋଇ ସେ ବିଶାଖାପାଟଣାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଏହି ଖବର ପାଇବା ପରେ ଅବିଭକ୍ତ କୋରାପୁଟ ଜିଲାରେ ଶୋକର ଛାୟା ଖେଳିଯାଇଛି । ଜୟପୁର ବିଦ୍ୟା ଭୂଷଣ ନଗରରେ ରହୁଥିବା ନନ୍ଦ ଥିଲେ ଜଣେ ଆଦିବାସୀ ସଂସ୍କୃତିର ଗବେଷକ, ସାହିତ୍ୟିକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅବିଭକ୍ତ କୋରାପୁଟ ଜିଲା ପୂର୍ବତନ ସଂଘ ଚାଳକ। ଏହି ଦୁଃଖ ଖବର ପାଇ ବିଧାୟକ ତାରାପ୍ରସାଦ ବାହିନୀପତି ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ପଟ୍ଟାଙ୍ଗି ବିଧାୟକଙ୍କ ପିତୃ ବିୟୋଗ

ସେମିଳିଗୁଡ଼ା/ସୁନାବେଡ଼ା, ୧୨।୧୦ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)



ପଟ୍ଟାଙ୍ଗି ବିଧାୟକ ପିତମ୍ ପାଢ଼ୀଙ୍କ ବାପା ଦଶରଥ ପାଢ଼ୀଙ୍କ ପାକଖୋଲାସ୍ଥିତ ବାସଭବନରେ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ଦୀର୍ଘ ଦିନ ଧରି ସେ ବାର୍ଦ୍ଧ୍ୟକଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ପରଲୋକ ଖବର ଜଣାପଡିବା ପରେ ପଟାଙ୍ଗି ଅଞ୍ଚଳର ଦଳୀୟ କର୍ମୀ, ବିଜେଡି ଜିଲା ସଭାପତି ଝିନ ହିକକା, କୋରାପୁଟ ବିଧାୟକ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ,ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ଏବଂ ବହୁ ସାଧାରଣ ଲୋକେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଶୋଭା ପକ୍ଷରୁ ଅନ୍ତର୍ଜାତୀୟ ବାଳିକା ଦିବସ

କୋରାପୁଟ,୧୨।୧୦(ଅମିତାଭ ବେହେରା)

ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ଶୋଭା ସଂଗଠନ ତରଫରୁ ବୁଧବାର ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ୧୫୫ ବାଳିକା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଗାୟତ୍ରୀ ପାତ୍ର, ଜିଲା ଶିଶୁ ଓ ମହିଳା ଡେସ୍କ ଇନ୍ସପେକ୍ଟର ସୁଲୋଚନା ପ୍ରଧାନ, ପି.ପି ପୋସ୍କ କୋର୍ଟ ଡ. ଗାୟତ୍ରୀ ଦେବୀ, ବ୍ଲକ ଅଧକ୍ଷା ନମିତା ମାଝି, ଓ ପୂର୍ବତନ ଶିଶୁ ମଙ୍ଗଳ ଅଧିକାରୀ ପ୍ରଭାତ ବିଡିକା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେଶନ ପକ୍ଷରୁ ଶିଶୁ ସୁରକ୍ଷା ସମ୍ପର୍କିତ ୩ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଉକ୍ତ ପୁସ୍ତକ ବାଲ୍ୟବିବାହ ରୋକିବା ଓ ଲୋକମାନଙ୍କୁ ମାର୍ଗଦର୍ଶନରେ ସହାୟକ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପୁସ୍ତକ ଲେଖକ ଭୁବନ ଗିଭୁ ଧନ୍ୟବାଦ ଦେଇଥିଲେ । ଶୋଭାର ସଙ୍ଗଠନ ସମ୍ପାଦକ ସଞ୍ଜିତ ପଟ୍ଟନାୟକ, ସଭାପତି ମଦନ କିର୍ଷାନୀ ଉପସ୍ଥିତ ଥିଲେ।

## ମଦ ଚୋରା ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର, ୧୨।୧୦ (ପବନ ପାଣିଗ୍ରାହୀ)



ଦେଶୀ ମଦ ଚୋରା ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ଚଢ଼ାଉ କରି ଗୁରୁବାର ଜଣଙ୍କୁ ଗିରଫ କରିଛନ୍ତି। ସେ ହେଲେ ବଙ୍ଗଳାବାଡ଼ର ସୂର୍ଯ୍ୟ ଦୁଆରୁ। ସୂର୍ଯ୍ୟ ମଦ ଚୋରା ଚାଲାଣ କରୁଥିବା ସୂଚନା ପାଇ ବଙ୍ଗଳାବାଡ଼ ସାହିରେ ଚଢ଼ାଉ କରି ସେମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ୭ ଲିଟର ଦେଶୀ ମଦ ଜବତ ହୋଇଛି। ନିଳାଗୁଡା ଜଙ୍ଗଲରେ ମଧ କର୍ମଚାରୀମାନେ ଚଢାଉ କରି ଚୋରା ମଦ କାରବାର କରୁଥିବା ବ୍ୟବସାୟୀମାନେ ବହୁ ପରିମାଣରେ ଲୁଚାଇ ରଖିଥିବା ମଦ ଓ ପୋଚ ନଷ୍ଟ କରିଛନ୍ତି। ଚଢାଉ ସମ୍ପର୍କରେ ସୂଚନା ପାଇ ସେମାନେ ଫେରାର ହୋଇଯାଇଛନ୍ତି। ଏହି ସମୟରେ କର୍ମଚାରୀମାନେ ଅନେକ ମଦ ଭାଟି ଭାଙ୍ଗି ମଦରନ୍ଧା ସରଞ୍ଜାମ ଜବତ କରିଥିବା ଜଣାପଡିଛି। ସେହିପରି ବୁଧବାର ଅବକାରୀ କର୍ମଚାରୀମାନେ ଜୟପୁର ବ୍ଲକ ଗଡ଼ପଦର ଜଙ୍ଗଲରେ ଚଢ଼ାଉ କରି ମଦ ବ୍ୟବସାୟୀମାନେ ଲୁଚାଇ ରଖିଥିବା ମଦ ଓ ପୋଚ ଜବତ କରି ନଷ୍ଟ କରିଥିଲେ। ତେବେ ଚଢ଼ାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ୨ ଶହ ଲିଟର ଦେଶୀ ମଦ ଓ ୮ ଶହ ଲିଟର ପୋଚ ଜବତ କରି କର୍ମଚାରୀମାନେ ନଷ୍ଟ କରିଥିଲେ।

# କୁନ୍ଦୁରା ଏସ୍‌ଡିସି କପ୍ ଆରମ୍ଭ

କୁନ୍ଦୁରା,୧୨।୧୦ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ସଦର ମହକୁମାସ୍ଥିତ ଅରବିନ୍ଦ ଶିକ୍ଷାନିକେତନ ଖେଳ ପଡ଼ିଆରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଫୁଟ୍‌ବଲ ଓ ଭଲିବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ନୋଡାଲ ଅଧିକାରୀ ମମତା ମହାନ୍ତି, ଏବିଡିଓ ରାମପ୍ରସାଦ ଦୋରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବ୍ଲକ ସଭ୍ୟ ମାଙ୍ଗୁ ଦୁରୁଆ, କୁନ୍ଦୁରାସ୍ଥିତ ଅରବିନ୍ଦ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତି ସେଠୀ, ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି ପ୍ରମୁଖ ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକର ୧୬ଟି ପଞ୍ଚାୟତରୁ ୧୬ଟି ଭଲିବଲ ଓ ୧୬ଟି ଫୁଟ୍‌ବଲ ଟିମ୍ ଅଂଶଗ୍ରହଣ କରିଥିଲେ। ୧୨ ତାରିଖରେ ଉଦ୍‌ଯାପନୀ ହେବ। ଭଲିବଲ ଓ ଫୁଟ୍‌ବଲ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ମଙ୍ଗଳ ଅଧିକାରୀ ଜାଲି କହିଛନ୍ତି। ଜିପିଇଓ ସୁରେଶ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଦଶମନ୍ତପୁର,୧୨।୧୦(ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୁଧବାର ପୋଲିସ ପକ୍ଷରୁ ସାଇବର ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏସ୍‌ଡିପିଓ ଶ୍ରାବଣୀ ନାୟକ ମୁଖ୍ୟ ଅତିଥି, ଏଏସ୍‌ଆଇ ସୌମ୍ୟରଞ୍ଜନ ପ୍ରଧାନ, ମହାବିଦ୍ୟାଳୟ ଅଧକ୍ଷ ତ୍ରିନାଥ ପାତିକା, ଯୁକ୍ତ ୩ ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କନ୍ଧପାନ, ସିଆର୍‌ସିସି ମଧୁସୂଦନ ପାତ୍ର, ଅତିରିକ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ମାର୍ଣ୍ଡି ଏଏସ୍‌ଆଇ ମନୁଆ ବିଡ଼ିକା, ଏଲ୍.କେ.ପଣ୍ଡା, ଲିଙ୍ଗରାଜ ହଲୱା, ୟୁ.ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ମୋବାଇଲରେ ବ୍ୟବହୃତ ଫେସ୍ ବୁକ୍, ଇଷ୍ଟାଗ୍ରାମ, ମେସେଞ୍ଜର ଏବଂ ଜମାଖାତା ଦ୍ୱାରା ସଂଲଗ୍ନ ମେସେଜ ଦ୍ୱାରା ଆସୁଥିବା ଓଟିପି, ପାସ୍‌ୱାର୍ଡ ଏବଂ ପିନ୍ ନମ୍ବର କୌଣସି ଅଜଣା ବ୍ୟକ୍ତିଙ୍କୁ ନ ଦେବା, ଏ ନେଇ ପୋଲିସକୁ ଜଣାଇବାକୁ ଅତିଥିମାନେ ଛାତ୍ରୀଛାତ୍ର ଏବଂ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳିତ

ଜୟପୁର, ୧୨।୧୦(ପବନ ପାଣିଗ୍ରାହୀ)

ଜୟପୁର ନାଗରିକ କମିଟି ତରଫରୁ ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳିତ ହୋଇଯାଇଛି । ସାଇନଗରସ୍ଥିତ ସିଟିଜେନ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି, ମୁଖ୍ୟବକ୍ତା ଭାବେ ଉପଜିଲାପାଳ ପ୍ରଭାତ ପରିଡା, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଅନ୍ୟତମ ଅତିଥି ରୂପେ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କମିଟି ସଭାପତି ମୀନକେତନ ଦାସ, ସାଧାରଣ ସମ୍ପାଦକ ଜି.ଭେଙ୍କଟେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଶଙ୍କର ପ୍ରହରାଜ ପରିଚାଳନା କରଥିଲେ। ଏହି ଅବସରରେ ୬ଜଣ ବରିଷ୍ଠ ନାଗରିକ ଅନସୂୟା ମିଶ୍ର, ବସନ୍ତ କୁମାରୀ ସାହୁ, କାଞ୍ଚନ ମାଦଳା, ଶ୍ରୀରଙ୍ଗମ ଶୁଭଲକ୍ଷ୍ମୀ , ନିତ୍ୟାନନ୍ଦ ସାହୁ, ଡାକ୍ତର ବିପିନ ଚନ୍ଦ୍ର ରଥଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଥମେ ନାଗରିକ ଭବନର ଦ୍ୱିତୀୟ ମହଲାକୁ ବିଧାୟକ ବାହିନୀପତି ଉଦ୍‌ଘାଟନ କରିଥିଲେ।

# ୭୧୯ ଜଣଙ୍କୁ ମିଳିଲା ଭତ୍ତା

କୋରାପୁଟ /ବୋରିଗୁମ୍ମା, ୧୨।୧୦ (ଅମିତାଭ ବେହେରା /ବିଜୟ ସାହୁ )

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାଠରଗଡା ପଞ୍ଚାୟତ ଏବଂ ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟଠାରେ ଗୁରୁବାର ନୂତନ ଭାବରେ ଅନୁମୋଦନ ପାଇଥିବା ୧୯ଟି ପଞ୍ଚାୟତର ୭୧୯ ଜଣ ବୃଦ୍ଧାବୃଦ୍ଧ, ବିଧବା, ଭିନ୍ନକ୍ଷମମାନଙ୍କୁ ପ୍ରଥମ ଥରପାଇଁ ଭତ୍ତା ବଣ୍ଟନ କରାଯାଇଛ। ୨ ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ଏବଂ ଏଲବୋ କ୍ରୋଚେସ୍ ପ୍ରଦାନ କରାଯାଇଛି। ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ବୋରିଗୁମ୍ମା ଏବିଡିଓ ମାଧୁରୀ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ନୃସିଂହନାଥ ଶତପଥୀ, ବୋରିଗୁମ୍ମା ବ୍ଲକ କଂଗ୍ରେସ ସଭାପତି ଅଶୋକ ଗନ୍ତାୟତ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରିକା କଣ୍ଡାଙ୍କେଲ, ଜଗନ୍ନାଥ ନାୟକ, କନିଷ୍ଠ ସହାୟକ ମୋନାଲିସା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭତ୍ତା ପାଇଥିବା ହିତାଧିକାରୀଙ୍କ ଗହଣରେ ବିଧାୟକ ତାରାପ୍ରସାଦ ବାହିନୀପତି ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଇବର ଠକେଇ ସଚେତନତା

ଲକ୍ଷ୍ମୀପୁର, ୧୨।୧୦ (ଅନନ୍ତ ନାୟକ)



ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଇବର ଠକେଇ ସମ୍ପର୍କରେ ସଚେତନ କରାଯାଉଛି।

ସାଇବର ଅପରାଧ ରୋକିବା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ କୋରାପୁଟ ଜିଲା ପୋଲିସ ପକ୍ଷରୁ ଲକ୍ଷ୍ମୀପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।

ସାଇବର ସୁରକ୍ଷା ସଚେତନା ରଥ କାକିରିଗୁମାରେ ପହଞ୍ଚିବା ପରେ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବିଭାଗ ପକ୍ଷରୁ ଢେମ୍‌ସା ନୃତ୍ୟର ତଳରେ ଏହାକୁ ସ୍ୱାଗତ କରାଯାଇଥିଲା। କାକିରିଗମ୍ମା ବଜାର ପରିକ୍ରମା ପରେ ଗୌଡଗୁଡ଼ା ଆଦର୍ଶ ବିଦ୍ୟାଳୟରେ ଲକ୍ଷ୍ମୀପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ଜଗତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଦେବ ଦୀପ ଯୋଗଦେଇ ସାଇବର ଠକେଇ ସମ୍ପର୍କରେ ଅବଗତ କରାଇ ଏଥିରୁ କିପରି ଜନସାଧାରଣ ସୁରକ୍ଷିତ ରହିବେ ସେ ସମ୍ପର୍କରେ ବୁଝାଇଥିଲେ। ସେପରି କୌଣସି ଲୋଭନୀୟ ଅଜଣା ମେସେଜ କିମ୍ବା ଫୋନ୍ କଲ୍ ଆସିଲେ ତାହାକୁ ବିଶ୍ୱାସ ନ କରି ଏହାଠାରୁ ଦୂରେଇ ରହିବାକୁ ଉପସ୍ଥିତ ଅନ୍ୟ ବକ୍ତାମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏସ୍‌ଆଇ ଜ୍ୟୋତିର୍ମୟୀ ଶବର,ଏଏସ୍‌ଆଇ ଶଙ୍କର ତାଡ଼ିଙ୍ଗି, ଓଏବି ଅଧକ୍ଷ ମୋତିଲାଲ ବାଗ, ଗୌଡଗୁଡ଼ା ସରପଞ୍ଚ ଭଗବତୀ ମୁଦୁଲି, କାକିରିଗୁମ୍ମା ସରପଞ୍ଚ ପୁଷ୍ପ ସାଉନ୍ତା, ତୁନପର ସରପଞ୍ଚ ମଧୁ ଧଙ୍ଗଡାମାଝି, ଭିତରଗଡ ସରପଞ୍ଚ ଲଳିତା ଜାନି, ପଞ୍ଚଡା ସରପଞ୍ଚ ପ୍ରିୟଙ୍କା ଜାନି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡାଳବନ୍ଧୁ ମହାଙ୍କୁଡ, ଶିକ୍ଷକ ଶଙ୍କର ସାଉଣ୍ଟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମୀନାକ୍ଷୀ ଖିଲ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଲକ୍ଷ୍ମୀପୁର ଆମ୍ବେଡକର ଛକଠାରେ ସାଇବର ସୁରକ୍ଷା ସଚେତନା ରଥକୁ ମଧ ସ୍ୱାଗତ କରାଯାଇଛି। ଏଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅବସରପ୍ରାପ୍ତ ପୂର୍ବତନ ଅଧକ୍ଷ ବୀରେନ ଶତପଥୀ, ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ, ଆଇଟିଆଇ ଅଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଗିରିଜା ଶଙ୍କର ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟ ପରିସରରେ ୨୫୦ ଚାରାରୋପଣ



ମୁନିଗୁଡ଼ା, ୧୨।୧୦(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡାସ୍ଥିତ ଜାମରାଗୁଡା ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଓଡ଼ିଶା ପରିବେଶ ସମିତି ଓ ଏସବିଆଇ ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧକ୍ଷା ମିଲି ଷଣ୍ଢଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ କାହ୍ନୁ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ପରିବେଶ ସମିତି ଆଜୀବନ ସଦସ୍ୟ ତଥା ରାୟଗଡ଼ା ୟୁଜିଏମଆଇଟି କଲେଜରଅବସରପ୍ରାପ୍ତ ଅଧକ୍ଷ ଇଂ. ଏମ ଶ୍ରୀନିବାସ ରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କେବଳ ଚାରା ରୋପଣ କରିଦେଲେ ହେବ ନାହିଁ, ବରଂ ତାଙ୍କୁ ବଞ୍ଚାଇ ରଖି ବଡ଼ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଅବିନାଶ ପଟେଲ, ଅଶ୍ୱିନୀ ବାରିକ, ଏମ.ଅନୁରାଧା, ଜ୍ୟୋତିପ୍ରକାଶ ଗିରି, ଓଡ଼ିଶା ପରିବେଶ ସମିତି ଯୁଗ୍ମ ସଚିବ ଇଞ୍ଜିନିୟର ମନୋରଞ୍ଜନ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୨୫୦ ଚାରା ଲଗାଯାଉଥିଲା।

### ସ୍ଥାୟୀ ଘରପଟ୍ଟା ପ୍ରଦାନ ପାଇଁ ସର୍ଭେ

ଗୁଡ଼ାରି, ୧୨।୧୦ (ପ୍ରମୋଦ କୁମାର ପତି)

ଗୁଡ଼ାରି ସହରର ବିଭିନ୍ନ ସାହିରେ ବସବାସ କରୁଥିବା ଲୋକଙ୍କୁ ସ୍ଥାୟୀ ଘରପଟ୍ଟା ପ୍ରଦାନ ନିମନ୍ତେ ଗୁରୁବାର ତହସିଲଦାର ହୃଷୀକେଶ ପଣ୍ଡାଙ୍କ ନେତୃତ୍ୱରେ ସର୍ଭେ କାର୍ଯ୍ୟ କରାଯାଇଛି । ବିଶେଷକରି ଯେଉଁ ଲୋକ ବର୍ତ୍ତମାନ ଯେଉଁ ଘରେ ଅଛନ୍ତି ସେମାନେ କେତେ ଦିନ ହେଲା ରହି ଆସୁଛନ୍ତି ଏବଂ ସରକାରଙ୍କ ନିୟମ ଅନୁଯାୟୀ ଯଦି ସେମାନଙ୍କର ଅବସ୍ଥିତି ସେଠାରେ ଦୀର୍ଘ ଦିନ ଧରି ରହିଥିବ ତେବେ ସେମାନଙ୍କୁ ସ୍ଥାୟୀ ଘରପଟ୍ଟା ମିଳିବ ବୋଲି ତହସିଲଦାର



ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗୁଡ଼ାରି ରାଜସ୍ୱ ନିରୀକ୍ଷକ ପ୍ରସାଦ ନିମାଲୁ, ତହସିଲ କର୍ମଚାରୀ ଚିତ୍ତରଞ୍ଜନ ପଣ୍ଡା ଏବଂ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଖୁବ୍‌ଶୀଘ୍ର ଚିହ୍ନଟ ହିତାଧିକାରୀଙ୍କୁ ସ୍ଥାୟୀ ଘରପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି। ତହସିଲଦାରଙ୍କ ଏହି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଛନ୍ତି।

### ସାଇବର ଠକେଇରୁ ସୁରକ୍ଷା ନେଇ ସଚେତନତା




ଗୁଣପୁର, ୧୨।୧୦(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ସ୍ଥାନୀୟ ଆଦର୍ଶ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସାଇବର ଠକେଇ କିଭଳି ହୁଏ, ଏହାର ନିରାକରଣ ଏବଂ ଏଥିରୁ କିପରି ନିଜକୁ ଦୂରେଇ ରଖିହେବ ସେ ବିଷୟରେ ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ଏଭିଏନଏଲ ଶର୍ମା ସାଇବର ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଇବର ସୁରକ୍ଷା ଉପରେ କୁଇଜ ପ୍ରତିଯୋଗିତା ହୋଇଥିବାବେଳେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କମ୍ପ୍ୟୁଟର ବିଭାଗର ଡେପୁଟି ଡିନ୍ ଅଧ୍ୟାପକ ଡ. ସଞ୍ଜୟ କୁମାର କୁଅଁର, ସିୱାଇଟିସି ପ୍ରାଇଭେଟ୍ ଲିମିଟେଡ୍‌ର ଫାଉଣ୍ଡର ଏବଂ ସିଇଓ ପଙ୍କଜ ଯାଦବ, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ, ଥାନା ଆଇଆଇସି ଅଧିକାରୀ ଉତ୍ତମ କୁମାର ସାହୁ ଏବଂ ଏସ୍‌ଆଇ ଅଶୋକ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୮ ଆମ୍ବୁଲାନ୍ସ ପାଇଁ ଦେବାକୁ ପଡୁଛି ଲାଞ୍ଚ

ରାୟଗଡ଼ା, ୧୨।୧୦ (ଆଶିଷ ରଞ୍ଜନ ପଣ୍ଡା)

ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ବିକାଶ, ଉନ୍ନତି ଓ ସୁରକ୍ଷା ପାଇଁ ରାଜ୍ୟ ସରକାର ମାଳମାଳ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକତା ଅଭାବରୁ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାରସାଲି ପଞ୍ଚାୟତର ଲାଖପଦରରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆଶା ଦିଦି ୬ ମାସ କିମ୍ବା ବର୍ଷକରେ ଥରେ ଗାଁକୁ ଆସୁଛନ୍ତି । ଅଙ୍ଗନୱାଡ଼ି କର୍ମୀ ୨ରୁ ୩ ମାସରେ ଥରେ ପିଲା ପିଛା ୧୦ଟି ଅଣ୍ଡା, ୧କେଜି ଛତୁଆ ଏବଂ ଗର୍ଭବତୀ ମହିଳାଙ୍କୁ ୨କେଜି ଛତୁଆ ଦେଇ ଚାଲିଯାଉଛନ୍ତି। ସେହିପରି ୧୦୮ ମାଗଣା ଆମ୍ବୁଲାନ୍ସ ସେବା ଗର୍ଭବତୀ କିମ୍ବା ରୋଗୀଙ୍କୁ ନେଲେ ଡ୍ରାଇଭରଙ୍କୁ ୨୦୦ରୁ ଆରମ୍ଭ କରି ୨ ହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦେବାକୁ ପଡୁଥିବା ଲାଖପଦର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ କଲ୍ୟାଣସିଂପୁର ସିଡିପିଓଙ୍କୁ ଭେଟି ଜିଲାପାଳ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସିଡିପିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଲାଖପଦର ଗ୍ରାମରେ ନିୟୋଜିତ ଆଶା କର୍ମୀଙ୍କ ନିଜ ଘର ଗୁମା ଗ୍ରାମରେ ହୋଇଥିବା ବେଳେ ସେ ବର୍ଷକୁ ଥରେ କିମ୍ବା ୨ ଥର ଲାଖପଦର ଆସନ୍ତି। ଅପରପକ୍ଷେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡ଼ି ମାସକୁ ଥରେ ଆସେ । ହେଲେ ଭ୍ରାମ୍ୟମାଣ ଗାଡ଼ି ଆସିବା ନେଇ ପୂର୍ବରୁ କୌଣସି ସୂଚନା ଦିଆଯାଉ ନ ଥିବାରୁ ଅଞ୍ଚଳବାସୀ ନିଜ ନିଜ କାମରେ ବାହାରି ଯାଇଥାନ୍ତି। ପରବର୍ତ୍ତୀ ସମୟରେ ପ୍ରାଥମିକ ଚିକିତ୍ସା ପାଇଁ ମଧ ଗ୍ରାମବାସୀଙ୍କୁ ଖର୍ଚ୍ଚାନ୍ତ ହୋଇ ୨୫ କି.ମି. ଦୂର କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡ଼ିଥାଏ । ସେହିପରି ଲାଖପଦରେ ନିଯୁକ୍ତି ପାଇଥିବା ଅଙ୍ଗନୱାଡ଼ି କର୍ମୀ ନିଜ ଗାଁ ଡଙ୍ଗାମାଟିରେ ନ ରହି କଲ୍ୟାଣସିଂହପୁରରେ ରହୁଥିବାରୁ ସେ ମାସକୁ ଥରେ ଉକ୍ତ ଭ୍ରାମ୍ୟମାଣ ଗାଡ଼ିରେ ଆସନ୍ତି । ସେ ଆସିବା ଦିନ ପିଲା ଓ ଗର୍ଭବତୀଙ୍କୁ ଅଣ୍ଡା, ଛତୁଆ ଦେଇ ପଳାଇଥାନ୍ତି । ସେହିପରି ଆମ୍ବୁଲାନ୍ସ ସେବା କଥା ନ କହିଲେ ଭଲ। ରାଜ୍ୟ ସରକାର ମାଗଣା ଆମ୍ବୁଲାନ୍ସ ସେବା ଯୋଗାଇଥିବା ବେଳେ ବିନା ଲାଞ୍ଚରେ ଗାଡ଼ି ନେବାକୁ ଡ୍ରାଇଭର ରାଜି ହୁଅନ୍ତି ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଅଗଷ୍ଟ ୨୪ରେ ମାଂଗଡ଼ି ସିକ୍କାଙ୍କ ପ୍ରସବ ପାଇଁ ୧୦୮ ଆମ୍ବୁଲାନ୍ସ ଗାଡ଼ି ଡ୍ରାଇଭରଙ୍କୁ ୨ଶହ ଟଙ୍କା ଦେବାକୁ ପଡ଼ିଥିଲା । ସେହିଭଳି ୩ ଜଣ ରୋଗୀ ଲୁଦ୍ଦୁ କୃଙ୍ଗେଲିକା, ସାନ ସିକକା ଓ ମିତା କୃଶକାଙ୍କୁ ନେବା ଆଣିବା ପାଇଁ ୨ ହଜାର ଟଙ୍କା, କଟାଡ଼ି ସିକକାଙ୍କ ପ୍ରସବ ପାଇଁ ୨ଶହ ଟଙ୍କା, ଗତ ବର୍ଷ ଦଶହରା ସମୟରେ ଭୀମ ସିକକାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପାଇଁ ୨ ହଜାର ଟଙ୍କା ଏବଂ ଇଲମେ ସିକକାଙ୍କୁ ୫ଶହ ଟଙ୍କା ଦେବାକୁ ପଡ଼ିଥିଲା । ତେବେ ଏହିଭଳି ଲୁଣ୍ଠନର ଶିକାର କେବଳ ଲାଖପଦର ଗ୍ରାମବାସୀ ନୁହନ୍ତି ବରଂ ପଟାଙ୍ଗପଦର ଓ ଡଙ୍ଗାମାଟି ଗ୍ରାମବାସୀ ମଧ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ସେହିଭଳି ପ୍ରସବ ପାଇଁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲେ ସେଠାରେ ଆଶା ଦିଦିକୁ ୨ଶହ, ନର୍ସଙ୍କୁ ୧୦୦ ଟଙ୍କା, ଝାଡୁଦାରଙ୍କୁ ୧୦୦ ଟଙ୍କା ଲାଞ୍ଚ ଦେବାକୁ ପଡୁଛି । ତେବେ ଗତବର୍ଷ ଆମ ଅଞ୍ଚଳକୁ ଜିଲାପାଳ ସ୍ୱାଧାଦେବ ସିଂ ଆସି ମାଣ୍ଡିଆ ଜାଉ ପିଇଥିବାବେଳେ ସମଗ୍ର ରାଜ୍ୟରେ ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା । ହେଲେ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ତେଣୁ ଏସବୁ ସମସ୍ୟା ପ୍ରତି ଦୃଷ୍ଟିଦେଇ ଏହାର ସମାଧାନ କରିବାକୁ ନିୟମଗିରି ବାସିନ୍ଦା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ଦାବି କରିଛନ୍ତି । ଏଥିସହ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଲଦ ସିକକା, ସମ୍ଧା ହୁଇକା, ଡୁକୁ ସିକକା, ମକାଲଟି ସିକକା, ବଦ୍ରି ସିକକା ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ ।

**ନିୟମଗିରି ଆଦିମ ଜନଜାତିଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା**

# ଯୌନ ନିର୍ଯାତନାରୁ ସୁରକ୍ଷା ନେଇ ସଚେତନତା




ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମାନେ।

ରାୟଗଡ଼ା, ୧୨।୧୦( ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ଜିଲାପାଳଙ୍କ ଚିନ୍ତନ କକ୍ଷ ହଲ୍ ପରିସରରେ ଗୁରୁବାର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନିବେଦିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ସୁରକ୍ଷା ଆଇନ ଉପରେ ସଚେତନ କରାଯାଇଥିଲା । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ଭାସ୍କର ରଇତ, ରାୟଗଡ଼ା ବାର୍ ଆସୋସିଏଶନର ଓକିଲ ଶୁଭ୍ରା ପଣ୍ଡା, ପ୍ରଣତି ପାତ୍ର, ଭି.ଅବତାର ଓ ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣର ପାନେଲ ଓକିଲ ସୀତାରାମ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଉପସ୍ଥିତ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ, ଅଧିକାଂଶ କର୍ମକ୍ଷେତ୍ରରେ ମହିଳାମାନେ ଯୌନ ନିର୍ଯାତନର ଶିକାର ହେଉଥିବାବେଳେ ତାକୁ କିପରି ପ୍ରତିରୋଧ କରିବା ଓ କିପରି ଯୌନ ନିର୍ଯାତନାର ଶିକାର ନ ହେବେ ସେ ନେଇ ଆଲୋଚନା କରାଯାଇଥିଲା । ଏ ସମ୍ପର୍କରେ ମହିଳାମାନେ ଅଭିଯୋଗ କମିଟିର ସହଯୋଗ ନେଇପାରିବେ ବୋଲି ବୁଝାଇଥିଲେ । ଏଥିସହ ମହିଳାମାନେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ହେଲେ ସେମାନଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥା ଓ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। ଶେଷରେ ଅତିଥିମାନେ ଏହି ଆଇନ ଉପରେ ଥିବା ସୁପ୍ରିମକୋର୍ଟଙ୍କ ବିଭିନ୍ନ ଜଜ୍‌ମେଣ୍ଟ ଉପରେ ଅଂଶଗ୍ରହଣକାରୀଙ୍କୁ ଧାରଣା ଦେଇଥିଲେ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର
## ୧୦୦ ୟୁନିଟ୍ ରକ୍ତ ସଂଗ୍ରହ

ଗୁଣପୁର, ୧୨।୧୦ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏଭିଏନ ଶର୍ମା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ପରୀକ୍ଷା ନିରୀକ୍ଷକ ଡା. ପି. ବିଜୟ କୁମାର, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ୍– ୧ ର ଡା ପ୍ରେମାନଶୁ ଶେଖର ରଥ, କାର୍ଯ୍ୟକ୍ରମ ଅଧିକାରୀ



ୟୁନିଟ୍ ୨ ଘନିଷ୍ଠା ପୃଷ୍ଟି , ଡା. ଏସ୍. ଏସ୍. ପାଢ଼ୀ, ବର୍ଷା ଦାସ, ଗୋପାଳକୃଷ୍ଣ ମହାନ୍ତି, ପ୍ରମୋଦ ପଣ୍ଡା, ଅଧ୍ୟାପକ ବାଣୀ ପ୍ରସାଦ ନାୟକ, କୃଷ୍ଣପ୍ରସାଦ ଦାସ, ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ। ଗୁଣପୁର ରକ୍ତଭଣ୍ଡାରର ଡାକ୍ତର ସୁଜାତା ଦେବୀ,ଟେକ୍ନିସିଆନ ରାକେଶ କୁମାର ପଣ୍ଡା, ସୁରୁଚି ପାତ୍ର, ରୋଜି ନାୟକ ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଶିବିରରେ ସମସ୍ତ ରକ୍ତଦାତାଙ୍କୁ ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପ ସଭାପତି ଡ. ଚନ୍ଦ୍ରଧଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦିଶ ପଣ୍ଡା, ରେଜିଷ୍ଟ୍ରାର ଡ. ଏନ୍. ଭିଜେ ରାଓ ପ୍ରମୁଖ ସାଧୁବାଦ ଜଣାଇବା ସହ ଭବିଷ୍ୟତରେ ଏଭଳି ମହତ୍ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

# ମାନସିକ ବିକାରଗ୍ରସ୍ତ ରୋଗୀଙ୍କୁ ଆଦର କରିବାକୁ ପରାମର୍ଶ



ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ବିଷମ କଟକ, ୧୨।୧୦(ବିଭୂତି ଭୂଷଣ ନାୟକ)

ବିଷମ କଟକ ତାଲୁକ ଆଇନ ସେବା କମିଟି ତରଫରୁ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ସ୍ଥାନୀୟ ସରକାରୀ ମେଡିକାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା କମିଟିର ଅଧକ୍ଷ ତଥା ସ୍ଥାନୀୟ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ୍ ପବିତ୍ରାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ଅଶ୍ୱିନୀ କୁମାର ସାହୁ ଯୋଗଦେଇ ମାନସିକ ବିକାରଗ୍ରସ୍ତ ରୋଗୀଙ୍କୁ ସ୍ନେହ ଆଦର କରିବାକୁ ପରାମର୍ଶ ଦେଇଥିଲେ। ଯଦି କୌଣସି ବ୍ୟକ୍ତି ମାନସିକ ବିକାରଗ୍ରସ୍ତ ଲୋକଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରନ୍ତି, ତେବେ ଧାରା ୨୦୧୭ ମାନସିକ ଆଇନ ଅନୁଯାୟୀ ତାଙ୍କୁ ଦଣ୍ଡିତ କରାଯିବ ବୋଲି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରକାରୀ ମେଡିକାଲର ଭାରପ୍ରାପ୍ତ ଅଧିକାରୀ ଡା ଉତ୍ତୀର୍ଣ୍ଣ କୁମାର ରାଣା ଏବଂ ଆୟୁଷ ଡା ଜାହ୍ନବୀ ବେହେରା ଯୋଗଦେଇ କିଭଳି ଭାବେ ମାନସିକ ରୋଗୀଙ୍କ ଚିକିତ୍ସା କରାଯିବା ଉଚିତ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ପାନେଲ ଅଧିବକ୍ତା ମନମୋହନ ପାତ୍ର, ମୁନିଗୁଡା ଥାନା ଅଫିସର ଚକ୍ରଧର ବେହେରା, ଅମ୍ବାଦଳା ଥାନା ଅଧିକାରୀ କାର୍ତ୍ତିକ ନାୟକ ଓ ବିଷମକଟକ ଥାନାର ଏଏସ୍‌ଆଇ ସୁଶାନ୍ତ ପିର୍ବିକା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ଥାନୀୟ ସରକାରୀ ମେଡିକାଲର କର୍ମଚାରୀ ବୃନ୍ଦ ଯୋଗଦାନ କରିଥିଲେ।

# ୧୪୦ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ




ହିତାଧିକାରୀଙ୍କୁ ଜମିପଟ୍ଟା ଦିଆଯାଉଛି।

ରାୟଗଡ଼ା, ୧୨।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ତହସିଲ ଅନ୍ତର୍ଗତ ବିଲେସୁ ଓ ମହାଦେବକାକିଲି ଗ୍ରାମର ୧୪୦ ହିତାଧିକାରୀଙ୍କୁ ଗୁରୁବାର ଜମିପଟ୍ଟା ବଣ୍ଟନ କରାଯାଇଛି। ଜେମାଦେଇପେଣ୍ଠ ରାଜସ୍ୱ ସର୍କଲ ଅନ୍ତର୍ଗତ ଏହି ଦୁଇ ଗ୍ରାମର ଲୋକେ ଦୀର୍ଘ ଦଶନ୍ଧି ଧରି ରହି ଆସୁଛନ୍ତି। ହେଲେ ଆଜି ସୁଦ୍ଧା ସେମାନଙ୍କ ନିକଟରେ ସ୍ଥାୟୀ ପଟ୍ଟା ନ ଥିବାରୁ ସେମାନେ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିଲେ। ବାରମ୍ବାର ନିବେଦନ ପରେ ଏହି ଦୁଇ ଗ୍ରାମରେ ଡ୍ରୋନ୍ ସର୍ଭେ କରି ଚିହ୍ନଟ ହୋଇଥିଲା। ଚିହ୍ନଟ ପରେ ଆଜି ଏହି ପଟ୍ଟା ପ୍ରଦାନ ହୋଇଛି। ବିଲେସୁ ଗ୍ରାମରେ ୧୧୪ ଓ ମହାଦେବକାକିଲି ଗ୍ରାମରେ ୨୬ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ଅତିରିକ୍ତ ତହସିଲଦାର ପର୍ଶୁରାମ ଭତରା, ଦେବାଶିଷ ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହି ଏହା ବଣ୍ଟନ କରିଛନ୍ତି। ନିଜେ ରହୁଥିବା ଘର ପଟ୍ଟା ମିଳିବା ପରେ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି।

# ଆଦିବାସୀ ଯୁବକ ତିଆରିକଲେ ଧାନଉଡ଼ା ଯନ୍ତ୍ର

ଚନ୍ଦ୍ରପୁର, ୧୨।୧୦ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଟୁରିଗୁଡ଼ା ପଞ୍ଚାୟତ ସଦର ମହକୁମାର ଜଣେ ଆଦିବାସୀ ଯୁବକ ତଥା ଅଗ୍ରଣୀ ଚାଷୀ ଦଣ୍ଡସେନା ମୁଦ୍ରିକା ନିଜ ଜ୍ଞାନକୌଶଳରେ ଏକ ଧାନଉଡ଼ା ଯନ୍ତ୍ର ତିଆରି କରିଛନ୍ତି। ଏହି ଯନ୍ତ୍ର ତିଆରି କରିବା ପାଇଁ ତାଙ୍କୁ ୭ରୁ ୮ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ବିନା ପରିଶ୍ରମରେ ଧାନରୁ ଅଗାଡ଼ି, ଗୁଣ୍ଡ ଇତ୍ୟାଦି ଉଡ଼ାଯାଇପାରିବ ବୋଲି ସେ କହିଛନ୍ତି। ଅଞ୍ଚଳର ବହୁ ଚାଷୀ ଏହି ଯନ୍ତ୍ର ଦ୍ୱାରା ସୁଲଭ ମୂଲ୍ୟରେ ଧାନ ଉଡ଼େଇ ନିଜ ଘରକୁ ଆଣିପାରିବେ। ଅଞ୍ଚଳରେ ଏହା ପ୍ରଥମ ହୋଇଥିବାରୁ ବହୁ ଅଗ୍ରଣୀ ଚାଷୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସରକାରଙ୍କଠାରୁ କିଛି ସହାୟତା ମିଳିଲେ ସେ ଆହୁରି କିଛି କରିବା ନେଇ ଆଗ୍ରହ ପ୍ରକାଶ କରିଛନ୍ତି।



ଧାନଉଡ଼ା ଯନ୍ତ୍ର ସହ ଦଣ୍ଡସେନା ମୁଦ୍ରିକା ଓ ଅନ୍ୟମାନେ।

# ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ରାୟଗଡ଼ା, ୧୨।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସିତହେବାକୁ ଆସିଥିବା ଜଣେ ରୋଗୀ ମେଡିକାଲରୁ ନିଜ ଘରକୁ ଚାଲି କରି ଫେରୁଥିବାବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ରାୟଗଡା ସହର ନିକଟସ୍ଥ ଜୟରାମଗୁଡା ଗ୍ରାମର ମୋହନ କାଡ୍ରାକା। ଘଟଣାରୁ ପ୍ରକାଶ ଯେ, ମୋହନ କାଡ୍ରାକା ଅସୁସ୍ଥତା ଥିବା ଯୋଗୁ ଚିକିତ୍ସା ପାଇଁ ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ଫାଟକ ସମ୍ମୁଖରେ ସେହି ରାସ୍ତା ଦେଇ ଯାଉଥିବା ଏକ ଟ୍ରକ ନଂ (ସିଜି ୦୪ଭିଏଲ୬୯୬୨) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ସେଠାରେ ଉପସ୍ଥିତ ଜନସାଧାରଣ ମୋହନଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ମୋହନଙ୍କ ସ୍ତ୍ରୀ ରାୟଗଡା ଥାନରେ ଏତଲା ଦେଇଥିବା ଜଣାପଡ଼ିଛି । ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି ।

# କ୍ରୀଡ଼ା, କଳା, ସାଂସ୍କୃତିକ ପ୍ରତିଯୋଗିତା ଆରମ୍ଭ

ବିଷମ କଟକ, ୧୨।୧୦(ବିଭୂତି ଭୂଷଣ ନାୟକ)

ବିଷମକଟକ ସଦର ମହକୁମାରେ ଥିବା ମା’ ମାର୍କମା ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ତରୀୟ ଖେଳକୁଦ, କଳା ଓ ସାଂସ୍କୃତିକ ପ୍ରତିଯୋଗିତା ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ବାଦ୍ୟ ପରିବେଷଣ, କଳା ପ୍ରଦର୍ଶନ, ହାସ୍ୟ ଅଭିନୟ ପ୍ରଭୃତି କଳା ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହେବ। ସେହିଭଳି ଖେଳକୁଦ ପାଇଁ ୧୦୦ମି, ୨୦୦ମି, ୪୦୦ମି, ୮୦୦ମି, ୧୫୦୦ମି ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡିଆଁ, କବାଡି, ଖୋଖୋ ଓ କ୍ରିକେଟ ପ୍ରତିଯୋଗିତାର ଆୟୋଜନ କରାଯାଉଥିବା ଅଧକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ସେଠାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହଯୋଗରେ ପରିଚାଳନା କରାଯାଉଛି।




ମା’ ମାର୍କମା ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଛାତ୍ରୀଛାତ୍ର।

# ବିନା ନିରୀକ୍ଷକରେ ଚାଲିଛି ପରୀକ୍ଷା, କେନ୍ଦ୍ରରେ ଅବ୍ୟବସ୍ଥା

**ଭୁଶୁଡ଼ି ପଡ଼ିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା**

ରାୟଗଡ଼ା, ୧୨।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସଦର ମହକୁମା ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମ୍ମେଟିଭ–୧ପରୀକ୍ଷା ଚାଲିଛି। ହେଲେ ପ୍ରଧାନ ଶିକ୍ଷକ ଛୁଟିରେ ଥିବାବେଳେ ପରୀକ୍ଷା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପରୀକ୍ଷା ହଲ୍‌ରେ ଉପସ୍ଥିତ ନ ରହି ଅନ୍ୟ ଏକ କୋଠରିରେ ଗପରେ ମସ୍‌ଗୁଲ ଥିବା ଦେଖିବାକୁ ମିଳିଛି । ଉକ୍ତ ସ୍କୁଲ ଜିଲାପାଳଙ୍କ ବାସଭବନରୁ ମାତ୍ର ୫୦ ମିଟର ଦୂରରେ ଅବସ୍ଥିତ ଥିଲେ ମଧ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କାହାରି ଭୟ ନାହିଁ । ଅନ୍ୟପକ୍ଷେ ପରୀକ୍ଷା କକ୍ଷରେ ଶିକ୍ଷୟିତ୍ରୀ ନ ଥିବାରୁ ଛାତ୍ରୀଛାତ୍ର ବେଧଡ଼କ ଭାବେ ନିଜ ନିଜ ଭିତରେ ଗପିବା ସହ ସମସ୍ତେ ଏକାଠି ବସି ପ୍ରଶ୍ନପତ୍ରର ଉତ୍ତର ଲେଖୁଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମମତା ପଣ୍ଡାଙ୍କୁ ପଚାରିବାରୁ ବିଭିନ୍ନ ବାହାନା ଦେଖାଇବା ସହ ଶୁକ୍ରବାର ପରୀକ୍ଷା ପାଇଁ ପ୍ରଶ୍ନପତ୍ର ସଜାଡ଼ିବାରେ ବ୍ୟସ୍ତ ଥିବା କହିଥିଲେ। ସେହିପରି ଅନ୍ୟ ଜଣେ ଶିକ୍ଷୟିତ୍ରୀ କୌଣସି ଏକ ବହି ଦୋକାନକୁ ପ୍ରଶ୍ନପତ୍ର ଆଣିବାକୁ ଯାଇଥିବା କହିଥିଲେ। ତେବେ ଏହି ପ୍ରଶ୍ନପତ୍ର ସରକାରଙ୍କ ପକ୍ଷରୁ ଆସୁନାହିଁ ଏବଂ ଏହା ବାହାରେ ବିକ୍ରି ହେଉଛି ବୋଲି ଜଣାପଡ଼ିଛି । ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ବାହାରେ ବିକ୍ରି ହେଉଥିବା ମଧ ସନ୍ଦେହ ଉପୁଜିଛି । ପ୍ରଧାନ ଶିକ୍ଷକ ପ୍ରତାପ କୁମାର ବାଡ୍ରିୟାଙ୍କୁ ପଚାରିବାରୁ ସେ ଛୁଟିରେ ରହିଥିବା ବେଳେ ମମତାଙ୍କୁ ସ୍କୁଲ ପରିଚାଳନାର ଅତିରିକ୍ତ ଦାୟିତ୍ୱ ଦେଇ ଯାଇଥିବା କହିଥିଲେ । ହେଲେ ଦାୟିତ୍ୱ ହସ୍ତାନ୍ତରର କୌଣସି କାଗଜପତ୍ର ଦେଖାଇ ନ ପାରି ସେ କଥାକୁ ଏଡ଼ାଇ ଦେଇଥିଲେ । ପ୍ରାଥମିକ ଶିକ୍ଷାର ଏଭଳି ବିକଳ ଚିତ୍ର ପିଲାଙ୍କ ଭବିଷ୍ୟତ ଉପରେ ବେଶ୍ କୁପ୍ରଭାବ ପକାଇବ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ଚାଲିଛି । ସେହିଭଳି ଅନ୍ୟ ଏକ ପରୀକ୍ଷା କକ୍ଷରେ କେତେଜଣ ପିଲାଙ୍କୁ ଶିକ୍ଷୟିତ୍ରୀ ଉତ୍ତର କହୁଥିବା ବେଳେ ଅନ୍ୟ ପିଲା ବସି ଜଣେ ଅନ୍ୟ ଜଣଙ୍କ ଠାରୁ ଦେଖି ଲେଖିବାରେ ବ୍ୟସ୍ତ ଥିଲେ। ତେଣୁ ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି । ଏ ନେଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝିଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦିଆଯିବ ବୋଲି କହିଛନ୍ତି ।



ପରୀକ୍ଷା କେନ୍ଦ୍ରରେ ନିରୀକ୍ଷକଙ୍କ ଅନୁପସ୍ଥିତି ଯୋଗୁ ଛାତ୍ରୀଛାତ୍ର ଜଣେ ଅନ୍ୟ ଜଣଙ୍କଠାରୁ ପଚାରି ଉତ୍ତର ଲେଖୁଛନ୍ତି।

**ସ୍ତ୍ରୀଙ୍କୁ କାଠଫଳିଆରେ ପିଟି ହତ୍ୟା ମାମଲାରେ ସ୍ୱାମୀ ଗିରଫ**

ଜୟପୁର, (ପବନ ପାଣିଗ୍ରାହୀ)-ଜୟପୁର ଡଙ୍ଗାଗୁଡା ହତ୍ୟା ମାମଲାରେ ଜଡିତ ଥିବା ଅଭିଯୁକ୍ତ ସ୍ୱାମୀ ଭଗତ ହରିଜନ ଙ୍କୁ ଗୁରୁବାର ଗିରଫ କରି ଟାଉନଥାନା ପୋଲିସ କୋର୍ଟ ଚାଲାଣ କରିଛି। ଭଗତ ତାଙ୍କ ପ୍ରଥମ ସ୍ତ୍ରୀ ଗୁରୁବାରିଙ୍କୁ ବୋରିଗୁମ୍ମାରେ ୧୯୮୪ରେ ହତ୍ୟା କରିଥିଲେ। ଏହି ମାମଲାରେ ୧୯୮୪ରୁ ୨୦୦୦ ମସିହା ଯାଏ ଭଗତ କୋରାପୁଟ ଜେଲ୍‌ରେ ଥିଲେ। ଜେଲରୁ ଆସିବା ପରେ ସେ ଡଙ୍ଗାଗୁଡାର କୁସୁମା ହରିଜନଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କୁସୁମା ନିକଟସ୍ଥ କାଜୁ କାମ୍ପାନୀରେ କାମ କରୁଥିଲେ। ଭଗତ କୁସୁମାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ। ବୁଧବାର ଭଗତ କୁସୁମାଙ୍କୁ କାଠଫାଳିଆରେ ପିଟି ହତ୍ୟା କରିଥିଲେ।



## ସଂକ୍ଷେପରେ

### ଜଳିଗଲା ଚାଳଛପର



କୋଡ଼ିଙ୍ଗା, ୧୨।୧୦(ସମରେନ୍ଦ୍ର ପଟ୍ଟନାୟକ)

କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ କୋଡ଼ିଙ୍ଗା ପଞ୍ଚାୟତ ଜାହାଜଭଙ୍ଗା ସାହିର ବଳଦେବ ଭତ୍ରାଙ୍କ ଚାଳ ଛପର ଘରେ କୌଣସି କାରଣବଶତଃ ନିଆଁ ଲାଗି ପୋଡ଼ିଯାଇଛି। ବୁଧବାର ଭୋର ପ୍ରାୟ ସାଢ଼େ ୪ଟାରେ ଘରେ ଆକସ୍ମିକ ନିଆଁ ଲାଗିଯାଇଥିବା ସ୍ଥାନୀୟ ଲୋକେ ଦେଖି ଲିଭାଇବା ପାଇଁ ଚେଷ୍ଟା କରିବା ସହ କୋଷାଗୁମୁଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସ୍ଥାନୀୟ ଲୋକେ ନିଆଁକୁ ସମ୍ପୂର୍ଣ୍ଣ ରୂପେ ଆୟତ୍ତକରି ନେଇଥିଲେ। ତେବେ ଘରଟି ଆଂଶିକ ଭାବେ ପୋଡ଼ିଯିବା ସହ ଆସବାବପତ୍ର ନଷ୍ଟ ହୋଇଯାଇଛି। ଅଗ୍ନିବିପନ୍ନ ପରିବାରକୁ ସରକାରଙ୍କ ତରଫରୁ ସହଯୋଗ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଦେଶୀମଦ ଜବତ, ଜଣେ ଗିରଫ

ଡାବୁଗାଁ, ୧୨।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉକରି ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଧାମନାଗୁଡ଼ା ଗ୍ରାମର ଗୋପୀ କଲାର। ଗୋପୀ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଅବକାରୀ ବିଭାଗ ତାଙ୍କ ଘରେ ଚଢାଉ କରି ୨୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏଥିସହ ଗୋପୀଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ କେସ୍ ନଂ. ୧୨୧/୨୦୨୩ରେ ଏକ ମାମଲା ରୁଜୁ କରାଯାଇଛି। ଏଥିରେ ଡାବୁଗାଁ ଅବକାରୀ ଉପନିରୀକ୍ଷକ ବୁଲୁ ପାତ୍ର, ଏଏସ୍‌ଆଇ ସୁରେନ୍ଦ୍ର ପଣ୍ଡା, କର୍ମଚାରୀ ନାରାୟଣ ମୁଦୁଲି, ଶ୍ରୀକାନ୍ତ ବିଷୋୟୀ ଓ ସୁରେଖା ଭତରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### କାର୍ଯ୍ୟରେ ଯୋଗଦେଲେ ନୂତନ ବନାଞ୍ଚଳ ଅଧିକାରୀ



ଡାବୁଗାଁ, ୧୨।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ନୂତନ ବନାଞ୍ଚଳ ଅଧିକାରୀ ଭାବେ ତଡ଼ିତ ସ୍ୱାଇଁ ଗୁରୁବାର ଯୋଗଦାନ କରିଛନ୍ତି। ସେ ପୂର୍ବରୁ ନବରଙ୍ଗପୁର ବନାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ପୂର୍ବତନ ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗଙ୍କୁ ରାଉରକେଲା ବନଖଣ୍ଡ ଅଧୀନ ବାଙ୍କୀ ବନାଞ୍ଚଳ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

# ଧାନଚାଷରେ ଗୁଣ୍ଡିପୋକ, ଚିନ୍ତାରେ ଚାଷୀ

ଉମରକୋଟ, ୧୨।୧୦(ସନ୍ତୋଷ ଶତପଥୀ)



ପ୍ରଥମେ ସ୍ୱଳ୍ପ ବର୍ଷା ଯୋଗୁ ଧାନ ଗଛ ଯେଉଁ ଭାବେ ବଢ଼ିବା କଥା ତାହା ହୋଇପାରିଲା ନାହିଁ। ଧାନ ଅମଳ କମିବା ଆଶଙ୍କା ଥିବାବେଳେ ବର୍ତ୍ତମାନ ବିପିଏଚ୍ ଗୁଣ୍ଡିପୋକ ଧାନ ଫସଲରେ ଲାଗିଲାଣି। ଏଥିଯୋଗୁ ଉମରକୋଟ ପୌରାଞ୍ଚଳ ୧ନମ୍ବର ୱାର୍ଡ ଦର୍ଗାଗୁଡା ଗ୍ରାମର ଧାନଚାଷୀ ଏବେ ଚିନ୍ତାରେ। ଚାଷୀ ବରୁଣ ଘୋଷ, ପ୍ରମୋଦ ସ୍ୱାଇଁ, ଆପନା ସେଠୀ, ରଞ୍ଜନ ସେଠୀ, ନୀର ସେଠୀ, ଭାଗୀ ସେଠୀ, ଶରତ ଭୂୟାଁଙ୍କ ଧାନ ଜମି ବ୍ୟତୀତ ଆଖପାଖ ଶହ ଶହ ଏକର ଧାନଜମିରେ ଗୁଣ୍ଡିପୋକ ଲାଗିଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ ଧାନ ହେବା ସମୟରେ ଧାନକେଣ୍ଡାରୁ ଧାନ କ୍ଷୀର କମିଯାଏ। ଏହି ପୋକ ଧାନ ଗଛ ମୂଳରେ ରହି ସମସ୍ତ ରସକୁ ଶୋଷି ନେଇଥାନ୍ତି। ଫଳରେ ଗଛ ଦୁର୍ବଳ ହୋଇଯାଏ। ଗଛ ମୂଳରୁ ଧୀରେଧୀରେ ପଚିଶଢ଼ି ନଷ୍ଟ ହୋଇଯାଏ। ପୂର୍ବରୁ କୃଷି ଅଧିକାରୀମାନେ ଫସଲ ବୁଲି ବୁଲି ନିରୀକ୍ଷଣ କରୁଥିଲେ। କୌଣସି ସମସ୍ୟା ଦେଖାଗଲେ ତୁରନ୍ତ ଚାଷୀଙ୍କୁ ପରାମର୍ଶ ଦେଉଥିଲେ। କିନ୍ତୁ ବର୍ତ୍ତମାନ କୃଷି ବିଭାଗରେ ଏହାର ଅଭାବ ପରିଲକ୍ଷିତ ହେଉଛି। ପୋକ ଲାଗିଲେ ବା ଲାଗିବା ପୂର୍ବରୁ କୌଣସି କୃଷି ଅଧିକାରୀ କେବେ ମଧ୍ୟ ଆସି ସଚେତନ କରୁନାହାନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ସରକାର ଚାଷୀଙ୍କୁ ସଚେତନ କରିବାକୁ ଅନେକ ଯୋଜନା କରୁଛନ୍ତି। କିନ୍ତୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉ ନ ଥିବା

**ଅସୁବିଧା ବେଳେ ଅଧିକାରୀଙ୍କ ଦେଖା ମିଳୁ ନ ଥିବା ଚାଷୀଙ୍କ ଅଭିଯୋଗ**

ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ଚାଷୀ ବାଧହୋଇ ଦୋକାନୀଙ୍କ ଉପରେ ଭରସା କରନ୍ତି। ଘଟଣାକୁ ନେଇ ବ୍ଲକ କୃଷି ଅଧିକାରୀ ନୀଳକଣ୍ଠ ପରିଡ଼ାଙ୍କୁ ପଚାରିବାରୁ ପାଣି ଅଭାବରୁ ଏହିସବୁ ରୋଗ ଦେଖାଯିବ, ମାଟିରେ ଖରା ନ ପଡିଲେ ଏହି ଭଳି ପୋକ ଲାଗିଥାଏ। ସୋମବାର ଏହି ଅଞ୍ଚଳକୁ ଯାଇ କ୍ଷେତ୍ର ପରିଦର୍ଶନ କରିବେ ବୋଲି କହିଛନ୍ତି। କୃଷି ବିଭାଗ ପକ୍ଷରୁ ସଚେତନ କରାଯାଉ ନାହିଁ ବୋଲି ଚାଷୀମାନେ ଯେଉଁ ଅଭିଯୋଗ କରିଛନ୍ତି ତାହାକୁ ସେ ଅସ୍ୱୀକାର କରିଥିଲେ।

# ୨ ଦିନରେ ରୋକାଗଲା ୮ ବାଲ୍ୟ ବିବାହ



ଅଧିକାରୀମାନେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି।

ଉମରକୋଟ, ୧୨।୧୦(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲାରେ ବାଲ୍ୟ ବିବାହ ରୋକିବାକୁ ବାରମ୍ବାର ସଚେତନ କଲେ ମଧ୍ୟ ଲୋକେ ସଜାଗ ହେଉନାହାନ୍ତି। ସରକାରଙ୍କ ସଚେତନତା ବାର୍ତ୍ତାକୁ ଅଣଦେଖା କରି ବାଲ୍ୟ ବିବାହ କରାଯାଉଛି। ଉମରକୋଟ ଶିଶୁ ବିକାଶ ବିଭାଗ ୨ ଦିନରେ ୮ ବାଲ୍ୟ ବିବାହ ରୋକିଛି। ବ୍ଲକ ଅଧୀନ ତୋହରା, କୁର୍ସି, ବୁର୍ଜା ପଞ୍ଚାୟତରେ ବୁଧବାର ଓ ଗୁରୁବାର ଦୁଇ ଦିନରେ ୮ ଟି ବାଲ୍ୟ ବିବାହ ରୋକାଯାଇଥିବା ନେଇ ଶିଶୁ ବିକାଶ ବିଭାଗ କୁର୍ସି ପରିଦର୍ଶିକା ସରିତା ଜେନା ସୂଚନା ଦେଇଛନ୍ତି। ବାଲ୍ୟ ବିବାହ ହେଉଥିବା ଖବରପାଇ ଉମରକୋଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂଯୁକ୍ତା ବେହେରାଙ୍କ ନିର୍ଦ୍ଦେଶରେ କୁର୍ସି ପରିଦର୍ଶିକା ସରିତା ଜେନା ଜୋବିପଡା, ଜୁନାପଡ଼ା, ଜୁନା ପାଣି, ତୋହରା ଏବଂ ବୁର୍ଜା ପଞ୍ଚାୟତର ପଡିଆଗୁଡା, ପୂଜାରିଗୁଡ଼ା ଯାଇ ଗ୍ରାମବାସୀଙ୍କୁ ନେଇ ସଚେତନ କରି ୮ଟି ଉଦଲିଆ ବିବାହକୁ ରୋକିଛନ୍ତି। ମୁର୍ତ୍ତୁମା ପରିଦର୍ଶିକା ଜୁତିକା ମଲିକ, ଅଙ୍ଗନବାଡି କର୍ମୀ ବାଳମତି ଗଣ୍ଡ, ମୌନା ମାଝି, ଇଲାରାଣୀ ହଲଦାର, ଭବାନୀ ଧାରୁଆ, ଜୟମଣି ମାଝି ରୟଲା ଭତ୍ରା, ଆଶା କର୍ମୀ ସୁକାନ୍ତି ଦାସ, ୱାର୍ଡମେମ୍ବର ପ୍ରମୁଖ ବିବାହ ରୋକିବାବେଳେ ଉପସ୍ଥିତ ଥିଲେ। ପ୍ରାପ୍ତ ବୟସ ହେବା ପରେ ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ବିବାହ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# 'ଝିଅ ପାଠପଢ଼ା ତିନିପିଢ଼ିକୁ'




ଜିଲାପାଳ ପତାକା ଦେଖାଇ ମାନବ ଶୃଙ୍ଖଳକୁ ଉଦ୍‌ଘାଟନ କରୁଛନ୍ତି।

ନବରଙ୍ଗପୁର,୧୨।୧୦(ସଦାଶିବ ପ୍ରହରାଜ)

**ଅନ୍ତଃରାଷ୍ଟ୍ରୀୟ ଶିଶୁ କନ୍ୟା ଦିବସ**

ନବରଙ୍ଗପୁର ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଅନ୍ତଃରାଷ୍ଟ୍ରୀୟ ଶିଶୁ କନ୍ୟା ଦିବସ ପାଳନ କରାଯାଇଛି। ଡିଇଓ, ଜିଲା ସମାଜ କଲ୍ୟାଣ ବିଭାଗ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ୟୁନିସେଫ୍ ଓ ଆକ୍ସନଏଡ୍‌ର ମିଳିତ ସହଯୋଗରେ ରାଜା ଚୈତନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ମାନବ ଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା। ଜିଲାପାଳ କମଳ ଲୋଚନ ମିଶ୍ର ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ବେଟି ବଞ୍ଚାଅ, ବେଟି ପଢ଼ାଅ, ବାଲ୍ୟବିବାହକୁ ନା ବିଦ୍ୟାଳୟକୁ ହଁ, ଝିଅ ପାଠପଢ଼ା ତିନିପିଢ଼ିକୁ ଆଦି ସ୍ଲୋଗାନ ଦେଇ ଆମ୍ବେଦକର ଛକରୁ ସରକାରୀ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ୧୮୦୨ ସରକାରୀ ବିଦ୍ୟାଳୟରେ ୧ ଲକ୍ଷ ୫୦ହଜାର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ମାନବ ଶୃଙ୍ଖଳକରି ସମାଜରେ କନ୍ୟା ସନ୍ତାନଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି ବୋଲି ଡିଇଓ ପ୍ରଦୀପ୍ତ କୁମାର ନାଗ କହିଛନ୍ତି। ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ଏକ ସଭା ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ପ୍ରତ୍ୟେକ ଝିଅଙ୍କ ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ସରକାରଙ୍କ ଲକ୍ଷ୍ୟ ବୋଲି କହିଛନ୍ତି। 'ବାଳିକାମାନଙ୍କର ନେତୃତ୍ୱର ବିକାଶ' ଚଳିତ ବର୍ଷ ଶିଶୁ କନ୍ୟା ଦିବସର ବାର୍ତ୍ତା ରହିଛି। ଆମ ଜିଲାରେ ପୁରୁଷଙ୍କ ଅନୁପାତରେ ମହିଳାଙ୍କ ସଂଖ୍ୟା ଅଧିକ, ଏହା ଖୁସିର କଥା ବୋଲି ଜିଲାପାଳ କହିଛନ୍ତି। ଆମମାନଙ୍କୁ ମିଳିମିଶି ବାଳିକାମାନଙ୍କର ଶିକ୍ଷାକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲକରି ଆର୍ଥିକସ୍ତରରେ ସଶକ୍ତ କରାଇବାକୁ ପରାମର୍ଶ ଦେଇଥିଲେ। କିଶୋରୀମାନେ ଆତ୍ମରକ୍ଷା କୌଶଳ, ନାରୀମାନଙ୍କ ନିମନ୍ତେ ଥିବା ବିଭିନ୍ନ ଆଇନ ଉପରେ ଜାଣିବା ଜରୁରୀ ବୋଲି କହିଥିଲେ। ବାଲ୍ୟବିବାହ ରୋକିବା ଓ ଶିଶୁ ସୁରକ୍ଷା ଦିଗରେ କାମ କରିଥିବା କିଶୋରୀ ବାଳିକା ସଖୀ ସହେଲୀଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ଜିଲାପାଳ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ବଟକୃଷ୍ଣ ମିଶ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଅଜନ୍ତା ପ୍ରିୟଦର୍ଶିନୀ, ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକିର ଚରଣ ରାଉତ, ଜିଲା ମମତା ସଂଯୋଜକ ବିଶ୍ୱଜିତ ମହାନ୍ତି, ଆଇନଜୀବୀ କିଶୋରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଜିଲା ମହିଳା ସୁରକ୍ଷା ଅଧିକାରୀ ପ୍ରେମାଞ୍ଜଳି ପତି ଧନ୍ୟବାଦ ଦେଇଥିଲେ।

### ଅଲେଖ ମହିମା ଧର୍ମାବଲମ୍ବୀଙ୍କ ମହାଧର୍ମ ସଭା

ଉମରକୋଟ, ୧୨।୧୦(ସନ୍ତୋଷ ଶତପଥୀ)

ଉମରକୋଟ ସହରସ୍ଥିତ ଅଲେଖ ମନ୍ଦିର ଆଶ୍ରମରେ ଅଲେଖ ମହିମା ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ସାଧୁ ଡମ୍ବୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଧର୍ମସଭାରେ ପୋଡ଼ାଗଡ଼ ମୁଖ୍ୟ ମଠାଧୀଶ ବ୍ରହ୍ମ ଅବଧୂତ ରନ୍ଦ୍ରମଣି ବାବା ମୁଖ୍ୟ ଅତିଥି, ସାଧୁ ପ୍ରକାଶ ଦାସ, ଭରତ ଦାସ, ମହିମା ଗୋସେଇଁ ପାଠାଗାର ଅଲେଖ ଆଶ୍ରମ ସମ୍ପାଦକ ଶରତ ପାଣିଗ୍ରାହୀ ଅନ୍ୟତମ ଅତିଥିଭାବେ ଭାବେ ଉପସ୍ଥିତ ଥିଲେ। ଧନୁର୍ଯ୍ୟୟ ବାବାଙ୍କ ଆମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାଥନା କରାଯାଇଥିଲା। ବିଭିନ୍ନ ଦାବି ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କିପରି ଅବଗତ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଟହଲୀୟା ମିଶ୍ର ଭକ୍ତ, ମନବୋଧ ଭକ୍ତ, ଅର୍ଜୁନ ଭକ୍ତ, ଧନୁଭକ୍ତ, ଦୁର୍ବଳ ଭକ୍ତ, ହରି ଭକ୍ତ, ଗୁରୁବାରୁ ଭକ୍ତ, ଆଶ୍ରମ ପୂଜାରୀ ସିଧୁ ଦାସଙ୍କ ସମେତ ଓଡ଼ିଶା ଏବଂ ଛତିଶଗଡ଼ରୁ ଆସିଥିବା ଶତାଧିକ ଭକ୍ତ ଉପସ୍ଥିତ ଥିଲେ।

### ବିଷପିଇ ଯୁବକ ମୃତ

କୋଷାଗୁମୁଡ଼ା, ୧୨।୧୦(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଉକିଆପାଲୀ ପଞ୍ଚାୟତ ଘାଟ କୁସୁମୀ ଗ୍ରାମର ଜଣେ ଯୁବକଙ୍କ ବିଷ ପିଇ ମୃତ ହୋଇଛି। ସେ ହେଲେ କୃତିବାସ ଭତ୍ରା (୨୮)। ପାରିବାରିକ କଳହକୁ କେନ୍ଦ୍ର କରି କୃତିବାସ କୌଣସି କୀଟନାଶକ ପିଇ ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କରୁ ଗୁରୁତର ଥିବାରୁ କୃତିବାସଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। କେସ୍ ନଂ. ୧୦/୨୩ରେ ଏ ନେଇ କୋଷାଗୁମୁଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଅଧିକାରୀ ଏଲ୍.କେ ପଣ୍ଡା ସୂଚନା ଦେଇଛନ୍ତି। ନବରଙ୍ଗପୁର ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝିଙ୍କ ଜୟନ୍ତୀ



ଅତିଥିମାନଙ୍କୁ ସଭାସ୍ଥଳକୁ ନିଆଯାଉଛି।

ଉମରକୋଟ, ୧୨।୧୦(ସନ୍ତୋଷ ଶତପଥୀ)

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରବି ସିଂ ମାଝିଙ୍କ ୧୦୧ ତମ ଜୟନ୍ତୀ ଉମରକୋଟ ବ୍ଲକ ଭାମିନି ପଞ୍ଚାୟତ ବାଟିବେଡ଼ାରେ ଅନୁଷ୍ଠିତ ହୋଇଛି। ଅତିଥିମାନଙ୍କୁ ଆଦିବାସୀଙ୍କ ପାରମ୍ପରିକ ବାଜା ଓ ନୃତ୍ୟରେ ସଭାସ୍ଥଳକୁ ସ୍ୱାଗତ କରି ଅଣାଯାଇଥିଲା। ନ୍ୟାସ ବାଟି ବେଡା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ସଭା ପୂର୍ବତନ ସଦସ୍ୟ ଭଗବାନ ମାଝି ମୁଖ୍ୟ ଅତିଥି, ବରିଷ୍ଠ ବିଜେଡି ନେତା ଜୟଦେବ ପରିଡ଼ା ମୁଖ୍ୟ ବକ୍ତା, ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ପୂର୍ବତନ ବିଧାୟକ ଭୁଜବଳ ମାଝି, ମୁନା ତ୍ରିପାଠୀ, କାଜମା ମଦାନି, ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ତପନ ଦେବନାଥ, ଶୁକଦେବ ଗଣ୍ଡ, ପଦ୍ମନାଭ ପାଣ୍ଡେ, ଟୁଲୁ ସାହୁ, ରତିକାନ୍ତ ବିଶ୍ୱାସ, ଅବସରପ୍ରାପ୍ତ ଶିକ୍ଷକ ତୁମନାଥ ନାୟକ, ସନ୍ତୁ ଭାଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝି ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ରବି ସିଂଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନେ ରବି ସିଂଙ୍କ ବ୍ୟକ୍ତିତ୍ୱ, ବିଧାୟକ ଓ ମନ୍ତ୍ରୀ ଥିବା ସମୟରେ ଅଞ୍ଚଳରେ ହୋଇଥିବା ବିକାଶ ଓ ତାଙ୍କ ନିରାଡ଼ମ୍ବର ଜୀବନଯାପନ ଉପରେ ଆଲୋକପାତ କରିଥିଲେ। ବାଟିବେଡ଼ାସ୍ଥିତ ଆଶ୍ରମ ସ୍କୁଲ ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରବି ସିଂଙ୍କ ପରିବାର ସଦସ୍ୟଙ୍କ ସମେତ ସନ୍ତୋଷ ମାଝି, ନରସିଂହ ପାଣ୍ଡେ, ମହିନ୍ଦ୍ର ପନକା, ସିଉ ଚରଣ ପନକା, ଦୂରସାଇ ଗୌଡ଼, କ୍ଷୀରୋଦ ମାଝି, ଲମ୍ବୁଧର ପାଣ୍ଡେ, ନିରଞ୍ଜନ ମାଝି, ସୀମାଞ୍ଚଳ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତିରେ ପୌର ପରିଷଦ ପକ୍ଷରୁ ଫୁଲମାଳ ଅର୍ପଣ କରାଯାଇଥିଲା। ଏହି ସମୟରେ ପୌରାଧ୍ୟକ୍ଷା ରାଧା ଭତ୍ରା, ପୌର ନିର୍ବାହୀ ଅଧିକାରୀ ରଷି ମାଝିଙ୍କ ସମେତ ସମସ୍ତ କାଉନସିଲର ଓ ପରିଷଦ କର୍ମଚାରୀ ଉପସ୍ଥିତ ଥିଲେ।

# ସାଇବର ଠକାମିରୁ ବର୍ତ୍ତିବାକୁ ସଚେତନତା

ଝରିଗାଁ,୧୨।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ସାଇବର ସୁରକ୍ଷା ସଚେତନତା ରଥକୁ ଝରିଗାଁ ପୋଲିସ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଗ୍ରାମବାସୀ ଏବଂ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି। ଝରିଗାଁ ଥାନା ନିକଟରୁ ଶୋଭାଯାତ୍ରା ବାହାରି ସ୍ଥାନୀୟ ନୋଡାଲ ସରକାରୀ ହାଇସ୍କୁଲରେ ପହଞ୍ଚିଥିଲା। ସେଠାରେ ବୈଠକ କରାଯାଇ ଛାତ୍ରୀଛାତ୍ର ଏବଂ ଲୋକଙ୍କୁ ସାଇବର ଠକେଇ ଉପରେ ସଚେତନ କରାଯାଇଛି। ଏହାପରେ ଝରିଗାଁ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ଏକ ସଚେତନତା ସଭା କରାଯାଇଛି। ଉଭୟ ବୈଠକ ଝରିଗାଁ ଥାନାଧିକାରୀ ତପନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଚାଳକ ସୁନୀଲ ଭତ୍ରା, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରହଣି ତାପସ୍ୱିନି ହଜାରେ, ପୋଷ୍ଟମାଷ୍ଟର ଲିନା ପରିଡ଼ା ଉପସ୍ଥିତ ଥିଲେ। ସାଇବର ଠକେଇର ସମ୍ମୁଖୀନ ହେଲେ ସମାଧାନ ନିମନ୍ତେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ୧୯୩୦କୁ ସମ୍ପର୍କ କରିବାକୁ କୁହାଯାଇଛି। ଶେଷରେ ଝରିଗାଁ ନୂତନ ବସ୍‌ଷ୍ଟାଣ୍ଡଠାରେ ପ୍ରୋଜେକ୍ଟର ମାଧ୍ୟମରେ ଲୋକଙ୍କୁ ସାଇବର ଠକେଇ ଉପରେ ସଚେତନତା କରାଯାଇଥିଲା।

# ନାଟକରେ ସଚେତନତା ବାର୍ତ୍ତା

ଚନ୍ଦାହାଣ୍ଡି, ୧୨।୧୦(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସରକାରୀ ପାନାବେଡ଼ା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଚନ୍ଦାହାଣ୍ଡି ଥାନାଧିକାରୀ ପ୍ରଶାନ୍ତ କୁମାର କୋଲାହର୍ଷଙ୍କ ଅଧ୍ୟକ୍ଷତାରେ କରାଯାଇଛି। ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ଝରିଗାଁ ଏଏସ୍‌ଆଇ ଉମାକାନ୍ତ ସାହୁ, ଚନ୍ଦାହାଣ୍ଡି ଏଏସ୍‌ଆଇ ଖଗେଶ୍ୱର ଖୋସଲା, ଏସ୍‌ବିଆଇ ଚନ୍ଦାହାଣ୍ଡି ଶାଖା ପରିଚାଳକ ରାଜ ନାରାୟଣ ଦିଗାଲ, ପାନାବେଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶରତ କୁମାର ମାଝି, ଘନଶ୍ୟାମ ସାହୁ, କ୍ରୀଡ଼ା ଶିକ୍ଷକ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ସାଇବର ଅପରାଧ ବଢୁଥିବାବେଳେ ଲୋକଙ୍କୁ ଏ ନେଇ ସଚେତନ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଛନ୍ତି। ସାଇବର ଠକେଇ ସମ୍ପର୍କରେ ଜନତା, ସ୍କୁଲ କଲେଜ




କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଚନ୍ଦାହାଣ୍ଡି ବ୍ଲକରେ ସାଇବର ସୁରକ୍ଷା ଅଭିଯାନ**

ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ଏଥିରୁ ବର୍ତ୍ତିବାକୁ କିଭଳି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ସେ ନେଇ ଆଲୋଚନା କରାଯାଉଛି। ଲୋକେ ସଚେତନ ହେଲେ ସାଇବର କ୍ରାଇମକୁ ରୋକା ଯାଇପାରିବ ବୋଲି ମୁଖ୍ୟ ଅତିଥି ଓ ବକ୍ତାମାନେ କହିଛନ୍ତି। ଏହି ସଚେତନତା ଅଭିଯାନ ପାନାବେଡ଼ା ଡିଗ୍ରୀ କଲେଜ ଏବଂ ମାଲଗାଁରେ ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ବିଦ୍ୟାଳୟ ଛାତ୍ରୀଛାତ୍ର ଅଭିଭାବକ, ସମସ୍ତ ଶିକ୍ଷକ ଅଧ୍ୟାପକ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଇବର ଅପରାଧ ସମ୍ବନ୍ଧରେ କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଛି। ପାନାବେଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ସାଇବର ଅପରାଧ ଦିଗରେ ସଚେତନତା ନିମନ୍ତେ ଏକ ନାଟକ ପରିବେଷଣ କରିଥିଲେ।

# ଶିଶୁଗୃହ ଅନ୍ତେବାସୀଙ୍କ ପ୍ରତିଭା ଲୋକଲୋଚନକୁ ଆଣେ 'ମହକ'



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ନବରଙ୍ଗପୁର,୧୨।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବୈଭବ କଲ୍ୟାଣ ମଣ୍ଡପରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ମହକ କାର୍ଯ୍ୟକ୍ରମ କରାଯାଇଛି। ବିଭିନ୍ନ ଶିଶୁ ଗୃହରେ ରହୁଥିବା ପିଲାମାନଙ୍କ ଲୁକାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାପାଳ କମଲ ଲୋଚନ ମିଶ୍ର ମୁଖ ଅତିଥିଭାବେ ଯୋଗଦେଇ ଥିଲେ। ଏହା ନିଜ ପ୍ରତିଭା ଦେଖାଇବାର ମାଧ୍ୟମ। ଏଥିରେ ଭାଗ ନେଇଥିବା ସମସ୍ତେ ଜଣେ ଜଣେ ବିଜେତା ବୋଲି ଜିଲା ଶିଶୁ ମଙ୍ଗଳ ଅଧିକାରୀ ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଶିଶୁଗୃହ ଅନ୍ତେବାସୀ ଭାଗ ନେଇଥିଲେ। ସିନିୟର ନୃତ୍ୟରେ ସରଗୁଳି ରାଇରାମ ସେବାଶ୍ରମ ପ୍ରଥମ, ବ୍ଲେସିଙ୍ଗ ଶିଶୁ ଗୃହ ଦ୍ୱିତୀୟ ଏବଂ ପଣ୍ଡିତ ଦିନ ଦୟାଲ ବାଳିକା ଆଶ୍ରମ ତୃତୀୟ ହୋଇଥିବାବେଳେ କନିଷ୍ଠ ବିଭାଗରେ କବାଗୁଡା ଉତ୍କଳ ମାରଥୋମା ପ୍ରୋଜେକ୍ଟ ମିଶନ ପ୍ରଥମ, ଆଗାପେ ଶିଶୁ ଗୃହ ଦ୍ୱିତୀୟ ଏବଂ ଉତ୍କଳ ବାଳାଶ୍ରମ ତୃତୀୟ ହୋଇଛି। କନିଷ୍ଠ ବିଭାଗ ଚିତ୍ରାଙ୍କନରେ ଉତ୍କଳ ମାରଥୋମା ପ୍ରୋଜେକ୍ଟ ମିଶନ ପ୍ରଥମ, ଉତ୍କଳ ବାଳାଶ୍ରମ ଦ୍ୱିତୀୟ, ତୃତୀୟ ହୋଇଥିବାବେଳେ ବରିଷ୍ଠରେ ଉମରକୋଟ ବ୍ଲେସିଙ୍ଗ ଶିଶୁ ଗୃହ ପ୍ରଥମ, ଉତ୍କଳ ବାଳାଶ୍ରମ ସିନ୍ଧିଗୁଡା ଦ୍ୱିତୀୟ, ରାଇରାମ ସେବାଶ୍ରମ ତୃତୀୟ ହୋଇଛି। ଉଦ୍‌ଯାପନୀ ସମାରୋହରେ ଏସ୍‌ପି ଏସ୍.ସୁଶ୍ରୀ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ପିଲାମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ବିଭାଗର କିଶୋର ମାର୍ଥା ପରିଚାଳନା କରିଥିଲେ। କୁନିମଣି ସ୍ୱାଇଁ, କିଷାନ ପଟ୍ଟନାୟକ, ସ୍ୱାତିଶ୍ରୀ ପଟ୍ଟନାୟକ, ସମରେନ୍ଦ୍ର ପରିଡ଼ା, ମହେନ୍ଦ୍ର ଚାଲାଣ, ଅରୁଣାର ଜିଲା ସଂଯୋଜିକା ପ୍ରଭାସିନୀ ପଟ୍ଟନାୟକ ଏଥିରେ ସହଯୋଗ କରିଥିଲେ।

